୬ ଅଣ୍ଡର-୧୯ ଏସିଆ କପ୍ ୨୦୨୫
ଫାଇନାଲରେ ଭାରତ : ପାକିସ୍ତାନ ସହ ହେବ ମୁକାବିଲା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୨୨ ● ୨୦ ଡିସେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-322 ● 20th December 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ହାଇଦ୍ରାବାଦରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍

# ଓଡ଼ିଶା ଭାରତର ଗ୍ରୋଥ୍ ଇଞ୍ଜିନ ହେବାକୁ ଯାଉଛି

**ହାଇଦ୍ରାବାଦ, ୧୯।୧୨**

ଓଡ଼ିଶା ଭାରତର ଗ୍ରୋଥ୍ ଇଞ୍ଜିନ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ପୁଞ୍ଜିନିବେଶ ଉଦ୍ଦେଶ୍ୟକୁ ଫଳପ୍ରଦ କରିବା ପାଇଁ ଦୀର୍ଘକାଳୀନ ସହଭାଗିତା ପ୍ରତିଷ୍ଠା କରିବା ସକାଶେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ -୨୦୨୫ର ଆୟୋଜନ କରାଯାଇଛି। ଫାର୍ମାସ୍ୟିଟିକାଲ୍ସ, ଆଇଟି, ବୟନଶିଳ୍ପ, ଅଟୋମୋବାଇଲ୍ସ, ଇଞ୍ଜିନିୟରିଂ କମ୍ପୋନେଟ୍ସ ଆଦି ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶର ବିପୁଳ ସମ୍ଭାବନା ରହିଥିବାରୁ ଏହାର ସୁଯୋଗ ନେବା ପାଇଁ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶକାରୀଙ୍କୁ ଆହ୍ୱାନ ଜଣାଇଛନ୍ତି।

ହାଇଦ୍ରାବାଦରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେଇଥିବା ୫ ଶହରୁ ଊର୍ଦ୍ଧ୍ୱ ଇଣ୍ଡଷ୍ଟ୍ରି କ୍ୟାପଟେନ୍ ବା ଶିଳ୍ପପତିମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର




## ଆସିବ ୬୭ ହଜାର କୋଟିର ପୁଞ୍ଜି : ୫୬ ହଜାର ନିଯୁକ୍ତି

ସ୍ଥିର ନୀତି, ପ୍ରତିଯୋଗିତାମୂଳକ ମୂଲ୍ୟ ଏବଂ ସହଜ ଶାସନଗତ ଢାଞ୍ଚା ବ୍ୟବସ୍ଥା ମାଧ୍ୟମରେ ଆଗାମୀ ଭବିଷ୍ୟତ ପାଇଁ ପୁଞ୍ଜିନିବେଶର ଲକ୍ଷ୍ୟସ୍ଥଳୀ ଭାବେ ସ୍ଥାନିତ କରି ପାରିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଞ୍ଜିନିବେଶକାରୀ ଓ ଶିଳ୍ପପତିମାନଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଥିଲେ। ଏହାଛଡ଼ା ଓଡ଼ିଶାର ବିବିଧ ଶିଳ୍ପ ଇକୋ ସିଷ୍ଟମକୁ ପ୍ରଦର୍ଶନ *(ପୃଷ୍ଠା ୭ରେ)*

# ପ୍ରବଳ ବିରୋଧ ଭିତରେ ସରିଲା ସଂସଦର ଶୀତ ଅଧିବେଶନ

**ନୂଆଦିଲ୍ଲୀ, ୧୯।୧୨**

ବିରୋଧୀଙ୍କ ପ୍ରବଳ ବିରୋଧ ଭିତରେ ସରିଲା ସଂସଦର ଶୀତକାଳୀନ ଅଧିବେଶନ। ଗୁରୁବାରଠୁ ମନରେଗା ଯୋଜନାର ନାମ ବଦଳାଇ "ଭିବି-ଜି ରାମ ଜି" ପରିବର୍ତ୍ତନକୁ ବିରୋଧୀ ସାଂସଦ ବିରୋଧ କରି ଆସୁଛନ୍ତି। ବିଲ୍ ବିରୋଧରେ ବିରୋଧି ସଦସ୍ୟ ରାତିସାରା ଗୃହ ବାହାରେ ୧୨ ଘଣ୍ଟା ଧାରଣା ଦେଇଥିଲେ।

ଶୁକ୍ରବାର ଶେଷଦିନ ଗୃହକାର୍ଯ୍ୟ ଆରମ୍ଭ ହେବାର କିଛି ସମୟ ପରେ, ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିଲା । ରାଜ୍ୟସଭାରେ ସଦସ୍ୟ ମାନେ କାଗଜପତ୍ର ରଖି କାର୍ଯ୍ୟ ଆରମ୍ଭ କରିବା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିଲା । ସଂସଦର ଶୀତକାଳୀନ ଅଧିବେଶନ ବିତର୍କ ଏବଂ ପ୍ରତିବାଦରେ ଶେଷ ହୋଇଛି । ବିରୋଧୀ ଦଳ ସଦସ୍ୟ ଗୁରୁବାର ରାତିରେ ସଂସଦ ପରିସରରେ ରାତିସାରା ୧୨ ଘଣ୍ଟା ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ । "ମନରେଗା" ଗ୍ରାମୀଣ *(ପୃଷ୍ଠା ୭ରେ)*



## ରୋଚକ ଦୃଶ୍ୟ: ଏକାଠି ଚା ପିଇଲେ ମୋଦୀ, ପ୍ରିୟଙ୍କା, ସୁପ୍ରିୟା-ଧର୍ମେନ୍ଦ୍ର ଯାଦବ

**ନୂଆଦିଲ୍ଲୀ, ୧୯।୧୨**

ସଂସଦର ଶୀତକାଳୀନ ଅଧିବେଶନ ଶେଷ ହେବା ପରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି । ଅଧିବେଶନ ଶେଷ ହେବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଶାସକ ଓ ବିରୋଧୀ ଦଳର ତମାମ ସାଂସଦମାନଙ୍କୁ ଏକାଠି ଗୋଟିଏ ସ୍ଥାନରେ ବସି ଚା ପିଉଥିବା ଏକ ଭିନ୍ନ ରାଜନୈତିକ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ସମୟରେ ସଂସଦର କାର୍ଯ୍ୟକାରିତା ଏବଂ ଅଧିବେଶନର କାର୍ଯ୍ୟଧାରା ସମ୍ପର୍କରେ ଚା ପିଇବା ବେଳେ ଅନୌପଚାରିକ ଆଲୋଚନା*(ପୃଷ୍ଠା ୭ରେ)*

## ଡିସେମ୍ବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର, ୧୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ସୋମବାର ଡିସେମ୍ବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଆଜିର ମୁଖ୍ୟ ଖବର

- ଘନ କୁହୁଡି କାରଣରୁ ଦିଲ୍ଲୀ ଏୟାରପୋର୍ଟରେ ଅପରେସନ ବାଧାପ୍ରାପ୍ତ ଯୋଗୁ ୭୯ ଉଡାଣ ବାତିଲ।
- ଗୌହାଟିରେ ନୂତନ ବିମାନବନ୍ଦର ଟର୍ମିନାଲ ଉଦ୍‌ଘାଟନ।
- ଦୂରସଂଚାର କ୍ଷେତ୍ରରେ ନୂତନ ନେତୃତ୍ୱ, କମ୍ପାନୀ ପାଇଁ ନୂଆ ଦିଗ।
- ଓମାନର ସର୍ବୋଚ୍ଚ ନାଗରିକ ସମ୍ମାନରେ ପ୍ରଧାନମନ୍ତ୍ରୀଙ୍କ ସମ୍ମାନ।
- ଘରୋଇ କ୍ରିକେଟରେ ଝାରଖଣ୍ଡର ଐତିହାସିକ ବିଜୟ, କ୍ରୀଡ଼ାଜଗତରେ ଉତ୍ସାହ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୪୧୮ (-୬୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୩୦୦ (-୬୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୦୬୪ (-୪୯)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୨୧ (+୩)

## ଆମେରିକାର ଶୁଳ୍କ ଛାଟ ମଧ୍ୟରେ ଓମାନ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କଲା ଭାରତ

**ନୂଆଦିଲ୍ଲୀ, ୧୯।୧୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶକ୍ତ ଧକ୍କା। ରୁଷରୁ ତେଲ କିଣୁଥିବାରୁ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଥିଲା ଆମେରିକା। ଏହା ଫଳରେ ଭାରତୀୟ ସାମଗ୍ରୀ ରପ୍ତାନୀ ହେବା କଷ୍ଟକର ହୋଇପଡ଼ିଥିଲା। ଏବେ ଏହାର ସମାଧାନର ବାଟ ବାହାର କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଓମାନ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି ଭାରତ। ଏବେ ବିନା ଶୁଳ୍କରେ ଓମାନକୁ ଭାରତ ଜିନିଷ ରପ୍ତାନୀ କରିବ । ୯୯% ଜିନିଷ ଉପରେ କୌଣସି ଶୁଳ୍କ ଲାଗୁ କରିବ ନାହିଁ ଓମାନ।



ଏହି ଚୁକ୍ତିନାମା ଭାରତର ଶ୍ରମ-କୈନ୍ଦ୍ରିକ କ୍ଷେତ୍ର ଯେପରିକି ବସ୍ତ୍ର, ଚମଡା, ଜୋତା, ରତ୍ନ ଏବଂ ଅଳଙ୍କାର, ଇଞ୍ଜିନିୟରିଂ ଉତ୍ପାଦ, ପ୍ଲାଷ୍ଟିକ୍, ଫର୍ଣ୍ଣିଚର, କୃଷି ଉତ୍ପାଦ, ଔଷଧ, ଚିକିତ୍ସା ଉପକରଣ ଏବଂ ଅଟୋମୋବାଇଲ୍ ରପ୍ତାନିକୁ ବୃଦ୍ଧି କରିବ। ଏହା ନିଯୁକ୍ତି ସୃଷ୍ଟି କରିବ ଏବଂ କାରିଗର, ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ମଜଭୁତ କରିବ। ଏହା ଗତ ଛଅ ମାସ ମଧ୍ୟରେ ଭାରତର ଦ୍ୱିତୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା। ଭାରତ ଗତ କିଛି ବର୍ଷ ମଧ୍ୟରେ ଅନେକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି, ଯାହା ଆମର ଚାଷୀ, ବ୍ୟବସାୟୀ ଏବଂ ରପ୍ତାନିକାରୀଙ୍କୁ ଲାଭ ଦେଉଛି। ଭାରତର ପ୍ରମୁଖ *(ପୃଷ୍ଠା ୭ରେ)*

## ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଜେଡିର ଦାବି

**ଭୁବନେଶ୍ୱର, ୧୯।୧୨**
**ନ୍ୟୁଜ୍ ବ୍ୟୁରୋ**

ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ପୂର୍ବରୁ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ ଶୁକ୍ରବାର ଏହାର ପୁନଃର୍ବିଚାର ପାଇଁ ବିଜେଡି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଛି ।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଧାୟକ ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଥିଲେ । ଶ୍ରୀମତୀ ମଲ୍ଲିକ



କହିଥିଲେ, ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକ ମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଏହା ଡିସେମ୍ବର ୯ ତାରିଖରେ ବିଧାନସଭାରେ ସର୍ବସମ୍ମତି କ୍ରମେ ପାସ ହୋଇଥିଲା । ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇ ଥିଲେ । ଏହି ବର୍ଦ୍ଧିତ ଦରମାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ତରଫରୁ ଏହାକୁ ପୁନଃର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି ।

ପ୍ରତାପ ଦେବ କହିଥିଲେ, ଜନସାଧାରଣଙ୍କ ମଧ୍ୟରେ ଦେଖାଯାଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହାର ପୁନଃର୍ବିଚାର କରିବେ ଓ ଉପଯୁକ୍ତ ନିଷ୍ପତ୍ତି ନେବେ ବୋଲି ଆମେ ଆଶା କରୁଛୁ ।

## ରାଜନୈତିକ ଦଳ ଅପେକ୍ଷା ଲୋକ ବିକାଶରେ ବିଶ୍ୱାସ କରନ୍ତି : ପୃଥ୍ୱୀରାଜ ହରିଚନ୍ଦନ

**ଭୁବନେଶ୍ୱର, ୧୯।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ନୂଆଦଳ ଗଠନ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ନିଜ ସ୍ୱାର୍ଥ ସାଧନ ପାଇଁ କିଛି ଲୋକ ଏକାଠି ହୋଇ ନୂଆ ଦଳ କରିବା ଗଣ ତାନ୍ତ୍ରିକ ପ୍ରକ୍ରିୟା । ଏଥିରେ କିଛି ପ୍ରଭାବ ପଡିବ ନାହିଁ। କିଏ ଇଚ୍ଛା ପ୍ରକାଶ କରିଲେ ନୂଆ ରାଜନୈତିକ ଦଳ ତିଆରି କରନ୍ତୁ। ବିଗତ ଦିନରେ ଅନେକ ଦଳ ଗଢିଛି ଭାଙ୍ଗିଛି। ରାଜନୈତକ ଦଳ ଅପେକ୍ଷା ଲୋକେ ବିକାଶରେ ବିଶ୍ୱାସ କରନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ ଲୋକେ ବିଶ୍ୱାସ କରି ଆମ ସହ ଚାଲୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ସେ କହିଛନ୍ତି ଯେ ଦରମା ବଢିବା ଉଚିତ ହୋଇନି ବୋଲି ବିଧାୟକଙ୍କ କାନ କୁ ଆସିଛି । ବିଧାୟକ ଦଳ ଯାହା ନିଷ୍ପତ୍ତି ନେଲେ ସ୍ୱାଗତ ଯୋଗ୍ୟ। ସରକାର ଏହାକୁ ବିଚାର କରୁଛନ୍ତି। ଅନ୍ୟ ଦଳ ଯେଉଁ ଭୂମିକା ନିର୍ବାହ କରିବା କଥା କରନ୍ତୁ। ଆମର ଆପତ୍ତି ନାହିଁ ବୋଲି ସେ କହିଛନ୍ତି।

# ଓଡ଼ିଶା ଏଆଇ ସମ୍ମିଳନୀ ଉଦ୍‌ଘାଟିତ




**ଭୁବନେଶ୍ୱର, ୧୯।୧୨**
**ନ୍ୟୁଜ୍ ବ୍ୟୁରୋ**

ପ୍ରଶାସନ, ବିକାଶ ଏବଂ ସାର୍ବଜନୀନ ହିତ ପାଇଁ ଏଆଇକୁ ଆଗକୁ ବଢାଇବା ଉପରେ କୈନ୍ଦ୍ରିତ ଏକ ଉଚ୍ଚସ୍ତରୀୟ ଦୁଇ ଦିନିଆ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ (ଓଡିଶା ଏଆଇ ସମ୍ମିଳନୀ) ଶୁକ୍ରବାର ଲୋକସଭା ଭବନ କନଭେନସନ ସେଣ୍ଟରରେ ଉଦଘାଟନ ହୋଇଛି ।

ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଭାରତ ସରକାରଙ୍କ ଯୁଗ୍ମ ସଚିବ, ମେଇଟିୱାଇ, ସୁଦୀପ ଶ୍ରୀବାସ୍ତବ, ଇଜିପ୍ଟର ଏଆଇ ଶାସନ ବିଶେଷଜ୍ଞ ଡକ୍ଟର ଅହମ୍ମଦ ହେଫନାୱି ଏବଂ ନୀତି ଫ୍ରଣ୍ଟିୟର୍ ଟେକ୍ ହବ୍ ମୁଖ୍ୟ ସ୍ଥପତି ଶ୍ରୀମତୀ ଦେବଯାନୀ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟିର ପ୍ରମୁଖ ସଚିବ ବିଶାଳ ଦେବ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟିର ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ମଧ୍ୟ *(ପୃଷ୍ଠା ୭ରେ)*

## ଏନକାଉଣ୍ଟରରେ କୁଖ୍ୟାତ ମାଓବାଦୀ ନିହତ

**ଛତିଶଗଡ, ୧୯।୧୨**

ଛତିଶଗଡ଼ର ବିଜାପୁର ଅନ୍ତର୍ଗତ ଇନ୍ଦ୍ରାବତୀ ଜଙ୍ଗଲରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏଥିରେ ଜଣେ କୁଖ୍ୟାତ ମାଓବାଦୀ ନିହତ ହୋଇଛି। ତା'ର ନାଁ ଫଗୁନ ମାଡଭି। ଫଗୁନ ନାମରେ ଛତିଶଗଡ଼ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।

ଇନ୍ଦ୍ରାବଦୀ ଜଙ୍ଗଲରେ ମାଓବାଦୀମାନେ ଆଡ୍ଡା ଜମାଇଥିବା ନେଇ ପୁଲିସକୁ ଗୁଇନ୍ଦା ସୂଚନା ମିଳିଥିଲା। ଏହା ପରେ ପୁଲିସ ଏବଂ ଯବାନଙ୍କ ମିଳିତ ଟିମ ଜଙ୍ଗଲରେ କମ୍ବିଂ ଅପରେସନ କରିଥିଲେ। ଏହି ସମୟରେ ମାଓବାଦୀଙ୍କ ସହିତ ଗୁଳିବିନିମୟ ଘଟିଥିଲା। ପୁଲିସ ଗୁଳିକୁ ସାମ୍ନା *(ପୃଷ୍ଠା ୭ରେ)*

### ଏକାଳ ପଖାଳ




ଦରମା ହେବ ବିଚାର ହେବ
ପକ୍କା ବି କରିବା କଥା
ଦରମା ବଢିବା ପ୍ରସଙ୍ଗଟା କିନ୍ତୁ
ଖୁବ୍ ଦିଏ ମୁଣ୍ଡ ବ୍ୟଥା
ଗରିବ ରାଇଜେ ନହେଉ ପ୍ରଥା
ଜନେହଇରାଣ ନେତା ମାଲାମାଲ
ଦେଖିଲେ ହଜଇ ଚେତା।

# ନୂଆବର୍ଷରୁ ଗାଡ଼ିର ସ୍ପିଡ଼ ଉପରେ ଲାଗିବ ଲଗାମ




**ନୂଆଦିଲ୍ଲୀ, ୧୯।୧୨**

ଯଦି ଆପଣ ରାଜପଥରେ ଦ୍ରୁତ ଗତିରେ ଗାଡି ଚଳାଉଛନ୍ତି, ତେବେ ଟିକେ ସତର୍କ ରୁହନ୍ତୁ। କାରଣ କେନ୍ଦ୍ର ସରକାର ଏବେ ଏମିତି ଏକ ଟୋଲ୍ ସିଷ୍ଟମ୍ ଆଣିବାକୁ ଯାଉଛନ୍ତି, ଯାହା ଦ୍ୱାରା ନା ଟୋଲ୍ ପ୍ଲାଜାରେ ଅଟକିବାକୁ ପଡିବ, ନା ଜରିମାନାରୁ ବର୍ତ୍ତିଯିବା ସହଜ ହେବ । ବାସ୍ତବରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସୂଚନା ଅନୁଯାୟୀ, ୨୦୨୬ ସୁଦ୍ଧା ଦେଶରେ ଏକ ସାଟେଲାଇଟ୍-ଆଧାରିତ ଟୋଲ୍ ଆଦାୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ, ଯାହା ଦ୍ୱାରା ଗାଡ଼ିଗୁଡ଼ିକ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ଟୋଲ୍ ପ୍ଲାଜା ପାର କରିପାରିବେ।

ନୀତିନ ଗଡ଼କରୀ ସଂସଦରେ କହିଛନ୍ତି ଯେ ୨୦୨୬ ସୁଦ୍ଧା ସମସ୍ତ ଗାଡ଼ି ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ନ ଅଟକି ଟୋଲ୍ ପ୍ଲାଜା ଦେଇ ଯାଇପାରିବେ। ଗାଡ଼ିର ନମ୍ବର ପ୍ଲେଟ୍ ଏବଂ ଫାଷ୍ଟାଗ୍‌ର ଫଟୋ ଉଠାଇବା ପାଇଁ ହାଇ-ସ୍ପିଡ୍ କ୍ୟାମେରା ଲଗାଯିବ। ତା'ପରେ ଗାଡ଼ି ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରୁ ସିଧାସଳଖ ଟୋଲ୍ ରାଶି କଟିଯିବ। ଏହାର ଅର୍ଥ କୌଣସି ନଗଦ ଟଙ୍କା ନାହିଁ, କୌଣସି ବାଧା ନାହିଁ ଏବଂ ଲମ୍ବା ଧାଡ଼ି ନାହିଁ।

ଏହି ନୂତନ ବ୍ୟବସ୍ଥା ଗତି ଉପରେ ମଧ ନଜର ରଖିବ। ଯଦି କୌଣସି ଗାଡ଼ି ସାଧାରଣ ଅପେକ୍ଷା *(ପୃଷ୍ଠା ୭ରେ)*

## ଘୁ.ଉଦୟଗିରିରେ ପ୍ରବଳ ଶୀତ ଲହରୀ, ୪.୩ ଡିଗ୍ରୀକୁ ଖସିଲା ତାପମାତ୍ରା

**ଘୁ.ଉଦୟଗିରି, ୧୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଶୀତର ସହର ଭାବେ ପରିଚିତ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରିରେ ଏବେ ପ୍ରବଳ ଶୀତ ଲହରୀ ଜାରି ରହିଛି। ଦିନକୁ ଦିନ ପାରଦ ତଳମୁହାଁ ହେଉଥିବା ବେଳେ ସାରା ଅଞ୍ଚଳ ଅସହ୍ୟ ଜାଡ଼ରେ ଥରୁଛି। ଗୁରୁବାର ସହରର ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲସିଅସ୍ ଥିଲା, ଯାହା ଶୁକ୍ରବାର ଆହୁରି ଖସି ୪.୩ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଛି।

ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା ଘୁମୁସର ଉଦୟଗିରିରେ ପ୍ରବଳ ଥଣ୍ଡା ଯୋଗୁଁ ଗରିବ ଓ ଅସହାୟ ଲୋକମାନେ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ହେବା ସହ ବଜାର ଅଞ୍ଚଳ ଶୁନଶାନ ହୋଇଯାଉଥିବା ବେଳେ ରାସ୍ତାଘାଟରେ ଲୋକ ଚଳାଚଳ ମଧ୍ୟ ହ୍ରାସ ପାଇଛି।

ସହର ତୁଳନାରେ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ତାପମାତ୍ରା ଆହୁରି କମ ରହୁଥିବା ସୂଚନା ମିଳିଛି। ପିଛିଲା ତିନି ଦିନ ଧରି ବିଭିନ୍ନ ସ୍ଥାନରେ ତୁଷାରପାତ ଜାରି ରହିଥିବା ବେଳେ ଲୋକେ ନିଆଁ ସାହାରାରେ ରାତି କାଟୁଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଗାମୀ ଦୁଇ ସପ୍ତାହ ଅର୍ଥାତ ନୂଆବର୍ଷ ପର୍ଯ୍ୟନ୍ତ ଏହିଭଳି ଶୀତ ଲହରୀ ଜାରି ରହିପାରେ। ଏହା ଫଳରେ ଘୁ.ଉଦୟଗିରି ସହ ଆଖପାଖ ଅଞ୍ଚଳରେ ଶୀତର ପ୍ରଭାବ ଆହୁରି ବଢ଼ିବାର ଆଶଙ୍କା ରହିଛି।



# ଆତ୍ମନିର୍ଭର ଭାରତ ଅଭିଯାନ ଓ ସ୍ୱଦେଶୀ ସଙ୍କଳ୍ପ ପତ୍ର ଶପଥ ଗ୍ରହଣ



**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**
ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆତ୍ମନିର୍ଭର ଭାରତ ଅଭିଯାନ ସହିତ ସ୍ୱଦେଶୀ ସଙ୍କଳ୍ପ ପତ୍ର ଶପଥ ଗ୍ରହଣ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମନିର୍ଭରତା ଓ ଦେଶୀୟ ବିକାଶକୁ ଆଧାର କରି ଜାତୀୟ ଦୃଷ୍ଟିକୋଣ ପ୍ରତି ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀଗଣ ଏବଂ ଛାତ୍ରଛାତ୍ରୀମାନେ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ କରିଥିଲେ । ସମସ୍ତେ ମିଶି ସ୍ୱଦେଶୀ ସଙ୍କଳ୍ପ ପତ୍ରରେ ଶପଥ ଗ୍ରହଣ କରି ଦେଶୀୟ ପଦାର୍ଥ ବ୍ୟବହାର, ସ୍ଥାନୀୟ ଶିଳ୍ପକୁ ସମର୍ଥନ ଏବଂ ଆତ୍ମନିର୍ଭର ଭାରତ ଗଠନରେ ସକ୍ରିୟ ଭୂମିକା ନେବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏହି ଅବସରରେ ସାମୁହିକ ଭାବେ ଆତ୍ମନିର୍ଭର ଭାରତକୁ ଜନସାଧାରଣ ଭିତ୍ତିକ ଏକ ଆନ୍ଦୋଳନ ରୂପେ ଗ୍ରହଣ କରି ଦେଶର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଆଧାରକୁ ସୁଦୃଢ଼ କରିବାରେ ସଚେତନ ନାଗରିକତା, ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଦ୍ରବ୍ୟକୁ ଆପଣେଇବା, ନବୀନତା ଏବଂ ସ୍ଥାୟୀ ବିକାଶ ପାଇଁ ସ୍ଥାନୀୟ ଉତ୍ପାଦନଗୁଡ଼ିକର ଆବଶ୍ୟକତା ଓ ସ୍ୱୟଂନିର୍ଭରତା ଉପରେ ଧ୍ୟାନ ଦିଆଯାଇଥିଲା।

## ଯାଜପୁର ଜିଲ୍ଲାସ୍ତରୀୟ କୃଷିଯନ୍ତ୍ରପାତି ମେଳା

# ଆଧୁନିକ ଯାନ୍ତ୍ରିକୀକରଣ ଉପଯୋଗ କରି କୃଷିକୁ ଆଗେଇ ନେବାକୁ ପରାମର୍ଶ

**ଯାଜପୁର, ନ୍ୟୁଜ ବ୍ୟୁରୋ**
ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୁସୁମା ସମ୍ମୁଖସ୍ଥ ପଡିଆଠାରେ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା ଯୋଗଦେଇ କହିଲେ କୃଷି ବିନା ଜୀବନ ଅସମ୍ଭବ। କୃଷି କାର୍ଯ୍ୟ ହେଲେ ଆମକୁ ଆହାର ମିଳୁଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ,କୃଷି କ୍ଷେତ୍ରରେ ବିକାଶ ହେଲେ ଆମ ରାଜ୍ୟର ବିକାଶ ହେବ। ଆଜିର ଦିନରେ ଆଧୁନିକ ଯାନ୍ତ୍ରିକକରଣ ଉପଯୋଗ କରି କୃଷିକୁ ଆହୁରି ଆଗକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସ୍ୱାଇଁ କହିଲେ ଏହି କୃଷି ଯନ୍ତ୍ରପାତି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷି ଯନ୍ତ୍ରପାତି ମାଧ୍ୟମରେ କୃଷି କାର୍ଯ୍ୟକୁ କିପରି ଆମେ ଆହୁରି ଆଗକୁ ନେଇ ପାରିବା ଏବଂ ସରଳ ଉପାୟରେ ଫସଲ ଉତ୍ପାଦନ କରି ପାରିବା। ସରକାରଙ୍କ ତରଫରୁ କୃଷି ଯନ୍ତ୍ରପାତି ରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦିଆଯାଉଛି ଯାହାକୁ ଉପଯୋଗ କରି କୃଷକ ଭାଇ ମାନେ କୃଷି କାର୍ଯ୍ୟ ସୁବିଧାରେ କରି ପାରିବେ। ସମ୍ମାନିତ ଅତିଥି ଭାବେ ଯାଜପୁର ପୌର ପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ସାଂସଦ ଯାଜପୁର ପ୍ରତିନିଧି ଜିତେନ୍ଦ୍ର ବିଶ୍ୱାଳ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନିଲ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (କୃଷି), କେନ୍ଦ୍ରାପଡ଼ା ସଞ୍ଜୀବ କୁମାର ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରି ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବିଶେଷ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି,ଯାଜପୁର ଆନୁକୂଲ୍ୟରେ ୪ ଜଣ ହିତାଧିକାରୀଙ୍କୁ ସଳଖ ରିହାତି ମୂଲ୍ୟରେ ଟ୍ରାକ୍ଟର ବିତରଣ କରାଯାଇଥିଲା ଏବଂ ରବି ଋତୁ ପାଇଁ କୃଷି ରଥ ମାଧ୍ୟମରେ ପ୍ରସାର ପାଇଁ ଉଦଘାଟିତ ହୋଇଥିଲା।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଯଥା ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ, ଇଫକୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଆଇପିଏଲ ସୁଗାର ଆଦି ଅଂଶଗ୍ରହଣ କରିଛନ୍ତି। ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ପାଇଁ ୫୦ଟି ମଣ୍ଡପ (ଷ୍ଟଲ୍) ଓ ସରକାରୀ ବିଭାଗ ପାଇଁ ୩୮ଟି ମଣ୍ଡପ (ଷ୍ଟଲ୍) ର ବ୍ୟବସ୍ଥା କରାଯାଇଛି। ଏହି ମଣ୍ଡପ ଗୁଡିକରେ ବିଭାଗୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିର ତତ୍କାଳ ବୁକିଙ୍ଗ ଓ ବିକ୍ରୟର ବ୍ୟବସ୍ଥା କରାଯାଇଅଛି। କୃଷି ମେଳାରେ କୃଷକ ଭାଇ ମାନଙ୍କୁ ବିଭିନ୍ନ ଆଧୁନିକ କୃଷି କୌଶଳ ସମ୍ବନ୍ଧରେ ଅବଗତ କରିବା ପାଇଁ ତାରିଖ ୧୯.୧୨.୨୫ ରୁ ୨୧.୧୨.୨୫ ମଧ୍ୟରେ ୧୨ ଗୋଟି କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରର ବ୍ୟବସ୍ଥା କରାଯାଇଛି। କୃଷି କ୍ଷେତ୍ରରେ ଲାଭ ବହୁଗୁଣିତ କରିବା ପାଇଁ କୃଷି ଯାନ୍ତ୍ରିକିକରଣ, କୃଷି କ୍ଷେତ୍ରରେ ସବୁଜ ଶକ୍ତିର ବ୍ୟବହାର, ମହିଳା କୃଷିଜୀବୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରଗତିରେ କୃଷି ଯନ୍ତ୍ରପାତି , ନିରନ୍ତର କୃଷି ପାଇଁ ସମନ୍ୱିତ କୃଷି ପଦ୍ଧତି, ସମନ୍ୱିତ ରୋଗପୋକ ପରିଚାଳନା ଓ କୃଷି କ୍ଷେତ୍ରରେ ଡ୍ରୋନ ପ୍ରଯୁକ୍ତିର ବ୍ୟବହାର, ଜଳ ବିଭାଜିକା ପ୍ରକଳ୍ପ ଓ ଆନୁଷଙ୍ଗିକ ଯନ୍ତ୍ରପାତି ଆଦି ବିଷୟ ଉପରେ ବିଭିନ୍ନ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ଆଲୋଚନା ଚକ୍ରର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଆଲୋଚନା ଚକ୍ରରେ ଶହେ ଜଣ କୃଷକ ଅଂଶଗ୍ରହଣ କରିବେ। ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ରିହାତି ଉପଯୋଗ କରିଥିବା ବ୍ଲକ୍‌କୁ ସମ୍ବର୍ଦ୍ଧିତ କରାଯିବ। ଏହି କୃଷି ଯନ୍ତ୍ରପାତି ମେଳା ଅବସରରେ ଓଡ଼ିଶା ମିଲେଟ ମିଶନ ଦ୍ୱାରା ଖାଦ୍ୟ ଉତ୍ସବ କରାଯାଉଛି। ପ୍ରତିଦିନ ପୂର୍ବାହ୍ନ ୧୦.୦୦ ଘଟିକା ରୁ ରାତି ୯.୦୦ ଯାଏ ପ୍ରଦର୍ଶନ ମଣ୍ଡପ ଖୋଲା ରହିବ।



# କେନ୍ଦୁଝର ଜିଲ୍ଲାରେ ୧୯୨ ନୂତନ ମତଦାନ କେନ୍ଦ୍ର ପାଇଁ ନିର୍ବାଚନ ଆୟୋଗଙ୍କ ମଞ୍ଜୁରୀ

**କେନ୍ଦୁଝର, ନ୍ୟୁଜ**
କେନ୍ଦୁଝର ଜିଲ୍ଲାରେ ମତଦାତାଙ୍କ ବହୁବିଧ ସୁବିଧା ପାଇଁ ୧୯୨ଟି ନୂତନ ମତଦାନ କେନ୍ଦ୍ର ଗଠନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ନିର୍ବାଚନ ଆୟୋଗ (ଇସିଓ) ଅନୁମୋଦନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ମତଦାନ ସମୟରେ ଲୋକମାନଙ୍କର ଭିଡ଼ କମିବା ସହିତ ଭୋଟଦାନ କେନ୍ଦ୍ରର ଦୂରତା ବହୁମାତ୍ରାରେ ହ୍ରାସ ପାଇବ ଯାହାଦ୍ୱାରା ଜିଲ୍ଲାବାସୀ ବିଶେଷ ଭାବରେ ଉପକୃତ ହେଇପାରିବେ ବୋଲି ଆଶା କରାଯାଉଛି। ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନୂତନ ମତଦାନ କେନ୍ଦ୍ରର ଲିଷ୍ଟ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ଶ୍ରୀମତୀ ରୁପାଲି ହାଁସଦା, ସହକାରୀ ଜିଲ୍ଲାପାଳ ସନ୍ତୋଷ ପରିଡ଼ା ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଜିଲ୍ଲାରେ ପୂର୍ବରୁ ୧୭୨୩ଟି ମତଦାନ କେନ୍ଦ୍ର ରହିଥିଲା। ତେବେ ଏହି ୧୯୨ଟି ନୂତନ କେନ୍ଦ୍ର ବୃଦ୍ଧି ପରେ ଜିଲ୍ଲାର ମୋଟ ମତଦାନ କେନ୍ଦ୍ର ସଂଖ୍ୟା ୧୯୧୫କୁ ବୃଦ୍ଧି ପାଇଛି। ନିର୍ବାଚନ ଆୟୋଗ ଏହା ସହିତ ୪ଟି ମତଦାନ କେନ୍ଦ୍ରର ନାମ ସଂଶୋଧନ ଏବଂ ୧୭ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ପ୍ରଦାନ କରିଛନ୍ତି। ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର ଓ ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀରେ ଯଥାକ୍ରମେ ୪୩,୨୯,୨୪,୨୨,୨୬ ଓ ୪୮ ଗୋଟି ଏହିଭଳି ଭାବେ ମୋଟ ଉପରେ ୧୯୨ଟି ନୂତନ ମତଦାନ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଛି।

# ୪ ଦେହଜୀବୀଙ୍କ ସମେତ ସେକ୍ସ ର୍ୟାକେଟ୍ କିଙ୍ଗପିନ୍ ଗିରଫ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**
ଯାଜପୁର ରୋଡ ପୋଲିସ ପକ୍ଷରୁ ଉମାପଦା ଗାଁ ସ୍ଥିତ ଏକ ଭଡ଼ା ଘରେ ଚଢ଼ାଉ, ୪ଜଣ ଦେହଜୀବି ସହିତ ସେକ୍ସରାକେଟ ଚଳାଉଥିବା ଦୁଇଜଣ ଗିରଫ କରିଛି ଯାଜପୁର ରୋଡ ପୋଲିସ। ସୂଚନା ଅନୁଯାୟୀ ବ୍ୟାସନଗର ପୌର ପରିଷଦର ଉମାପଦା ସ୍ଥିତ ଏକ ଭଡା ଘରେ ଗତ କିଛିଦିନ ସେକ୍ସରାକେଟ ଚାଲୁଥିବା ଯାଜପୁର ରୋଡ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ଏଥିସହିତ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଏକ ଟିମ ଏହି ଅଞ୍ଚଳରେ ଚଢ଼ାଉ କରିଥିଲା । ଏହି ଚଢ଼ାଉ କରି ପୋଲିସ ୪ଜଣ ଦେହ ଜୀବି ସହିତ ସେକ୍ସରାକେଟ ଚଳାଉଥିବା ଜଣେ ମହିଳା ଓ ଜଣେ ପୁରୁଷ କୁ ଗିରଫ କରି ଥାନାକୁ ଆଣିଥିଲେ । ଏଥିସହିତ କେଶ ନମ୍ବର ୭୪୦/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଓ ଅଭିଯୁକ୍ତାଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି । ଏହି ଦେହଜୀବୀ ମାନଙ୍କ ମଧ୍ୟରୁ ୩ଜଣ କଲିକତା ଅଞ୍ଚଳରେ ହେଇଥିବା ବେଳେ ଜଣେ ଦେହଜୀବୀ ନୟାଗଡ଼ ଅଞ୍ଚଳର ବୋଲି ସୂଚନା ମିଳିଛି।

# କୁଲିଆରୀରେ ନୂତନ ପଞ୍ଚାୟତ ଗଠନ ପାଇଁ ଦାବିପତ୍ର ପ୍ରଦାନ

**ବରଗଡ଼, ନ୍ୟୁଜ ବ୍ୟୁରୋ**
ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଟାବାହାଲ ଗ୍ରାମପଞ୍ଚାୟତର କୁଲିଆରୀ, କେନ୍ଦୁମାଲ,ଡଙ୍ଗରମୁଣ୍ଡା, ପରମାନନ୍ଦପୁର ଓ ଜୁବାଖୋଲ ଆଦି ପାଞ୍ଚ ଗୋଟି ଗ୍ରାମକୁ ନେଇ କୁଲିଆରୀ ଗ୍ରାମଠାରେ ଏକ ନୂତନ ପଞ୍ଚାୟତ ଗଠନ କରିବା ପାଇଁ ଆଜି ସମାଜସେବୀ ସୁଶାନ୍ତ ପଣ୍ଡାଙ୍କ ନେତୃତ୍ୱରେ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କୁ କମିଟିର ସଦସ୍ୟ ମାନେ ଏକ ଦାବୀ ପ୍ରଦାନ କରିଛନ୍ତି । ତେବେ ଦୀର୍ଘ ବର୍ଷରୁ ଲୋକେ ଏହି ପଞ୍ଚାୟତ ଗଠନ କରିବା ପାଇଁ ଅନେକ ପ୍ରୟାସ କରି ଆସୁଛନ୍ତି । କାରଣ ଏହି ପାଞ୍ଚ ଗୋଟି ଗ୍ରାମର ଜନସଂଖ୍ୟା ୨୭୦୦ ରୁ ଉର୍ଦ୍ଧ ହୋଇଥିବା ବେଳେ ଜୁବାଖୋଲ, ପରମାନନ୍ଦପୁର, କେନ୍ଦୁମାଲ ଓ ଡଙ୍ଗରମୁଣ୍ଡା ଆଦି ଗ୍ରାମ ଗୁଡ଼ିକ ବଣପାହାଡ ଘେରା ଅଞ୍ଚଳ ସହ ଜୁବାଖୋଲ ଓ ପରମାନନ୍ଦପୁର ଗ୍ରାମରୁ ପ୍ରାୟ ୬କିମି ଦୂରତା ରାସ୍ତାରୁ ଘାଟି, ବଣପାହାଡ ରାସ୍ତା ଦେଇ ହିତାଧିକାରୀ ପିଡିଏସ ଚାଉଳ ଏବଂ ବିଭିନ୍ନ କାର୍ଯ୍ୟ ପାଇଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି । ସବୁଠୁ ବଡ଼ ସମସ୍ୟା ହେଉଛି ଏଠାରେ ନେଟୱର୍କ ନ ଥିବାରୁ ଲୋକେ ଅନେକ ଗୁଡ଼ାଏ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପଞ୍ଚାୟତକୁ ଉନ୍ନତି ନିମନ୍ତେ ଆସୁଥିବା ଅନୁଦାନ ରାଶିରେ ରାସ୍ତାଘାଟ, ପାନୀୟଜଳ ସୁବିଧା ତଥା ବିଭିନ୍ନ କାର୍ଯ୍ୟର ବିକାଶ ହୋଇପାରୁନାହିଁ। ସରକାରଙ୍କ ବିଭିନ୍ନ ଯୋଜନା ଓ ଗାଁ ଗାଁରେ ବିକାଶ ଏବଂ ଜନସାଧାରଣ ନିଜ ଦୁଖ ଜଣାଇବା ପାଇଁ ପାଖରେ ପଞ୍ଚାୟତ ରହିଲେ ସମସ୍ତ ସୁବିଧା ପାଇବା ନିମନ୍ତେ କୁଲିଆରୀ ଗ୍ରାମ ଠାରେ ନୂତନ ପଞ୍ଚାୟତ ଗଠନ ହେଲେ ଅଞ୍ଚଳବାସୀଙ୍କ ଦୁଃଖ ଦୁର ହେବ ବୋଲି କମିଟିର ସଦସ୍ୟ ମାନେ ଉପଜିଲ୍ଲାପାଳଙ୍କ ସହିତ ଅନେକ ସମୟ ଆଲୋଚନା କରିଥିବା ବେଳେ କମିଟି ତରଫରୁ ସମାରୁ ସାହୁ, ସୁଦାମ ସାହୁ, ଫାଲଗୁନି ଭୋଇ, ସ୍ୱାଧୀନ ବଢେଇ, ସୁଶାନ୍ତ ବାରିକ, ସୁଦାମ ଜ୍ୟୋତିଷ, ରଞ୍ଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।।

# ଗାଳ୍ପିକା ଅବନ୍ତୀ ବେହେରାଙ୍କ ‘ଅର୍ଗଳିରେ ବେକ’ ପାଠକାର୍ପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସମାଜରେ ମାନବିକ ମୂଲ୍ୟବୋଧ, ସଂସ୍କାର ଓ ସର୍ବୋପରି ସାଂସ୍କୃତିକ ଅବକ୍ଷୟ ଦିନକୁ ଦିନ ଅଧପତିତ ହେବାରେ ଲାଗିଛି, ଯେଉଁଥିପାଇଁ ସମାଜରେ ବିଭିନ୍ନ ସଂକଟ ଦେଖାଦେଇଛି ବୋଲି ଗତକାଲି ରାଜ୍ୟସ୍ତରୀୟ ଭୁବନେଶ୍ୱର ପୁସ୍ତକ ମେଳା ପରିସରରେ ଗାଳ୍ପିକା ଅନନ୍ତୀ ବେହେରାଙ୍କ ଗଳ୍ପ ସଙ୍କଳନ ‘ଅର୍ଗଳିରେ ବେକ’ ପୁସ୍ତକକୁ ଉନ୍ମୋଚିତ କରି ପ୍ରଥିତଯଶା କବି ଫନୀ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଅବନ୍ତୀ ବେହେରାଙ୍କ ଗଳ୍ପରେ ସମାଜର ଅବହେଳିତ ମଣିଷଙ୍କ ସ୍ୱର ସହ ସାମାଜିକ ଅବକ୍ଷୟର ଶାଣିତ ପ୍ରତିବାଦ ରହିଛି ବୋଲି ଶ୍ରୀ ମହାନ୍ତି କହିବା ସହ ଏହି ପୁସ୍ତକ ମଣିଷର ମାନସିକତା ପରିବର୍ତ୍ତନରେ ସହାୟକ ହେବ। ବିଶିଷ୍ଟ କବି, ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଏହି ପାଠକାର୍ପଣରେ ବିଶିଷ୍ଟ କବି ତଥା ଶିକ୍ଷାବିତ ଶଶାଙ୍କ ଶେଖର ସାହୁ, ବରିଷ୍ଠ ଗାଳ୍ପିକା ଓ ଔପନ୍ୟାସିକା ଶ୍ରୀମତୀ ଗୋଲାପ ମଞ୍ଜରୀ କର, କବି ତଥା ଟାଇମ୍ ପାସ୍ ପ୍ରକାଶନୀର ନିର୍ଦ୍ଦେଶକ ସରୋଜ ବଳ, ଆର.ଏନ. ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା କବି ଡକ୍ଟର ବନମାଳୀ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲାବେଳେ ଗାଳ୍ପିକା ଅବନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମତୀ ବେହେରାଙ୍କ ଏହି ତୃତୀୟ ଗଳ୍ପ ସଙ୍କଳନ ଅର୍ଗଳୀରେ ବେକ ଟାଇମ୍ ପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି। ଶ୍ରୀମତୀ ବେହେରାଙ୍କର ବିଷରୁ ଅମୃତ ଓ ବାଟ ବରଗଛ ଦୁଇଟି ଗଳ୍ପ ସଙ୍କଳନ ମଧ୍ୟ ପ୍ରକାଶିତ ହୋଇଛି।



## ଏସ୍‌ୟୁଜେ ସାମ୍ବାଦିକ ସଂଘ ରାୟଗଡା ଶାଖା ବାର୍ଷିକୋତ୍ସବ

# ସତ୍ୟନିଷ୍ଠା ଓ ମୂଲ୍ୟବୋଧଭିତ୍ତିକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**
ସ୍ଥାନୀୟ ଲାୟନ୍ସ କ୍ଲବ ଠାରେ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ଓଡିଶା, ରାୟଗଡ଼ା ଜିଲ୍ଲା ଶାଖାର ୫ମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଯାଇଛି । ଜିଲ୍ଲା ସଭାପତି ଶିବ ନାରାୟଣ ଗଉଡଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି,ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଂଜନ କହଁର,ରାୟଗଡ଼ା ସମନ୍ୱିତ ଆଦିବାସୀ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝିଙ୍କ ସମେତ ରାଜ୍ୟ ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ସଭାପତି କୀର୍ତିଚନ୍ଦ୍ର ସାହୁ,ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜୀ,ରାଜ୍ୟ ସଂପାଦକ ବିଭୁପ୍ରସାଦ ପଣ୍ଡା,ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଜୟ ମହାରଣା, ଜିଲ୍ଲା ସାଧାରଣ ସଂପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ ପ୍ରମୁଖ ମଂଚାସୀନ ହୋଇଥିଲେ । ଏହି ଅବସରରେ ଜିଲ୍ଲା ସଂଘର ୫୦ଜଣ ସଭ୍ୟଙ୍କୁ ପରିଚୟ ପ୍ରମାଣ ପତ୍ର,ଆଇଡି କାର୍ଡ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭ ଦୀପ ପ୍ରଜ୍ୱଳନ ସହ କରାଯାଇଥିବା ବେଳେ ଦିବଙ୍ଗତ ସାମ୍ବାଦିକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଘ ସଭାପତି ଶ୍ରୀ ଗଉଡ ତାଙ୍କ ଅଭିଭାଷଣରେ ସତ୍ୟ ନିଷ୍ଠା,ନିଷ୍ପକ୍ଷତା ଓ ମୂଲ୍ୟବୋଧମୂଳକ ସାମ୍ବାଦିକତାର ଆବଶ୍ୟକତା ଉପରେ ଜୋର ଦେଇ ସାମ୍ବାଦିକତା ସମାଜର ଆଇନା ଭାବରେ କାର୍ଯ୍ୟ କରେ ଏବଂ ଲୋକତନ୍ତ୍ରକୁ ସୁଦୃଢ଼ କରିବାରେ ଏହାର ଭୂମିକା ଅପରିସୀମ ବୋଲି କହିଥିଲେ। ସାଧାରଣ ସଂପାଦକ ଶ୍ରୀ ସୂର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ । ମୂଲ୍ୟବୋଧ ଭିତିକ ସାମ୍ବାଦିକତା ଏକ ଆହ୍ୱାନ ଶୀର୍ଷକ ବିଷୟବସ୍ତୁ ଉପରେ ଅତିଥିମାନେ ସାମ୍ବାଦିକମାନେ ସମ୍ବାଦ ପରିବେଷଣରେ ଅତି ଦାୟିତ୍ୱବାନ ହେବା ଉଚିତ, ବିଶେଷ କରି ଲୋକଙ୍କ ସମସ୍ୟା,ଲୋକଙ୍କ କଥା,ଅଂଚଳର ସମସ୍ୟାର ସମାଧାନ ପାଇଁ ସତ୍ୟ ଓ ତଥ୍ୟମୂଳକ ଖବର ପରିବେଷଣ କଲେ ଅଂଚଳର ବିକାଶ ହେବ, ସମସ୍ୟାଗୁଡିକର ସମାଧାନ ହେବାରେ ସହାୟକ ହୋଇପାରିବ ବୋଲି କହିଥିଲେ ଏବଂ ପ୍ରଶାସନିକ ସ୍ତରରେ କୌଣସି ଦୋଷ ଦୁର୍ବଳତା ଥିଲେ ସାମ୍ବାଦିକମାନେ ନିଜ ଲେଖନୀରେ ଗଠନମୂଳକ ଓ ତଥ୍ୟ ଭିତିକ ସମାଲୋଚନା କରିବା ଉଚିତ ବୋଲି କହିଥିଲେ । ସେହିପରି ଗଣମାଧ୍ୟମ, ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଯଦି ସମନ୍ୱୟ ରହିଲେ ଜିଲ୍ଲାର ବିକାଶ ଉଲ୍ଲେଖନୀୟ ଭାବେ ବୃଦ୍ଧି ହୋଇପାରିବ ବୋଲି କହିଥିଲେ । ମୂଲ୍ୟବୋଧ ସାମ୍ବାଦିକତା ପାଇଁ ବୁଦ୍ଧିଜୀବି, ପ୍ରଶାସନ, ପୋଲିସ ଓ ଲୋକ ପ୍ରତିନିଧିଙ୍କ ସହଯୋଗ ଓ ସମର୍ଥନର ଆବଶ୍ୟକ ରହିଛି ବୋଲି ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ । ଏହି ମଞ୍ଚରେ ରାଜ୍ୟ ସଂଘ ପକ୍ଷରୁ ସାମ୍ବାଦିକଙ୍କ ଆଇନଗତ ସୁରକ୍ଷା, ସମ୍ମାନ ଓ ଜୀବନଜୀବିକାର ସୁରକ୍ଷା ଭଳି ଦାବି ଉପରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ଶକ୍ତି ଅନୁଷ୍ଠାନର ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଫଳ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମଟି ସଫଳ ଓ ସୁସଂଗଠିତ ଭାବରେ ସମ୍ପନ୍ନ ହୋଇଥିବା ବେଳେ ଉଦଘୋଷକ ତଥା ଗାୟକ ପ୍ରଶାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ସଭ୍ୟମାନେ ସହଯୋଗ କରିଥିଲେ ।



# ଚନ୍ଦକା ଜଙ୍ଗଲରେ ବୁଲୁଛି ଆହତ ଦନ୍ତା : ଗୋଡ଼ରେ ଲାଗିଛି ଆଘାତ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**
ଚନ୍ଦକା ଡମପଡା ଅଭୟାରଣ୍ୟ ନିକଟ ଭାଲୁଙ୍କା ଗ୍ରାମ ନିକଟ ଜଙ୍ଗଲରେ ବୁଲୁଛି ଏକ ଆହତ ଦନ୍ତା ହାତୀ। ଗତକାଲି ରାତିରେ ଦନ୍ତାଟି ଗ୍ରାମ ନିକଟ ଜଙ୍ଗଲରେ ବୁଲୁଥିଲା। ଫସଲ ନଷ୍ଟ କରିବା ଉଦେଶ୍ୟରେ ହାତୀଟି ଚାଲି ଆସିଥିବା ଅନୁମାନ କରି ସ୍ଥାନୀୟ ଲୋକେ ହାତୀଟିକୁ ଘଉଡ଼େଇବା ପାଇଁ ଚେଷ୍ଟା କରିଥିଲେ। ଟର୍ଚ୍ଚ ଲାଇଟ ମାରୁଥିଲେ, ହେଲେ ଦନ୍ତା ହାତୀଟି ସେଠାରୁ ଚାଲି ପାରିନଥିଲା। ଦନ୍ତାର ଗୋଡ଼ରେ କୌଣସି ଆଘାତ ଲାଗିଥିଲା ବୋଲି ଅନୁମାନ କରାଯାଉଥିଲା। ତେବେ ବନ ବିଭାଗର ସୂଚନା ଅନୁସାରେ ଏହି ଦନ୍ତାର ଗୋଡ ଫୁଲିଥିବା ବେଳେ ଟ୍ୟୁମର ହୋଇଥିବା ଅନୁମାନ କରାଯାଉଛି। ବନ ବିଭାଗ ଜଙ୍ଗଲରେ ହାତୀର ଗତିବିଧି ଉପରେ ନିରୀକ୍ଷଣରେ ରଖିଛନ୍ତି। ଆବଶ୍ୟକ ସ୍ଥଳେ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୧୨।୨୦୨୫, ପୌଷ ଦି୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୬।୨୨ ଚନ୍ଦ୍ରୋଦୟ-ସଂଘ ୫/୨୦/୨୨ ସେକେଣ୍ଡ**

**ଅମାବାସ୍ୟା ମଳ-** ପ୍ରାଘ ୭/୧୩ ପର୍ଯ୍ୟନ୍ତ। **ମୂଳନକ୍ଷତ୍ର-** ରାଘ ୧/୨୧ ପର୍ଯ୍ୟନ୍ତ। **ଧନୁଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-**ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-**ତୁଳା ଓ କୁମ୍ଭ ରାଶିର। । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ପ୍ରାଘ ୭/୧୩ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୬ ଗତେ ଘ ୯/୦୨ ମଧ୍ୟେ । ଦିଘ ୧୨/୦୬ ଗତେ ଘ ୨/୫୮ ମଧ୍ୟେ ।


**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଓ ଅସହଯୋଗ ଦେଖାଦେବ ।


**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଅଶାନ୍ତିର ବାତାବରଣ ରହିବ । ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ ।


**ମିଥୁନ:** ଆୟ ଯୋଗର ସମ୍ଭାବନା । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବାର ସୂଚନା ।


**କର୍କଟ:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେଇପାରେ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରୋଜଗାର ଭଲ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ ।


**ସିଂହ:** ଶୁଭ ଖବର ପାଇ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ ।


**କନ୍ୟା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।


**ତୁଳା:** ଦୂର ସ୍ଥାନକୁ ଯିବା ପାଇଁ ବାଧ ହେବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ମନରେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ ।


**ବିଛା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।


**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ । ମାନସିକ ଅଶାନ୍ତି ମନକୁ ବିଚଳିତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ ।


**ମକର:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପରୋପକାର କରି ଆନନ୍ଦିତ ହେବେ । ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ ।


**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆୟ ମଧ୍ୟମ ଧରଣର ହେବ । ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ ।


**ମୀନ:** ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ପାରିବାରିକ ଶାନ୍ତି ମିଳିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୧୨।୨୦୨୫, ପୌଷ ଦି୬ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୧୬।୫୩ ଚନ୍ଦ୍ରୋଦୟ-ପ୍ରାଘ ୭/୧୮/୦୪ ସେକେଣ୍ଡ**

**ପ୍ରତିପଦ-** ଦିଘ ୬/୧୧ ପର୍ଯ୍ୟନ୍ତ। **ପୂର୍ବାଷାଢାନକ୍ଷତ୍ର-** ରାଘ ୩/୩୫ ପର୍ଯ୍ୟନ୍ତ। **ଧନୁଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-**ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-**ତୁଳା ଓ କୁମ୍ଭ ରାଶିର। । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ଦିଘ ୯/୧୧ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪ ଗତେ ଘ ୯/୧୩ ମଧ୍ୟେ । ଦିଘ ୧/୦୫ ଗତେ ଦିଘ ୨/୫୯ ମଧ୍ୟେ ।

ପର୍ବୋତ୍ସବ-ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଗାଡିର ସ୍ପିଡ଼୍ ପାଇଁ ନୂଆବର୍ଷରୁ ଲାଗିବ ଲଗାମ, ଅଟୋମେଟିକ କଟିବ ଚାଲାଣ

ଯଦି ଆପଣ ରାଜପଥରେ ଦ୍ରୁତ ଗତିରେ ଗାଡି ଚଳାଉଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ। କାରଣ କେନ୍ଦ୍ର ସରକାର ଏବେ ଏମିତି ଏକ ଟୋଲ୍ ସିଷ୍ଟମ୍ ଆଣିବାକୁ ଯାଉଛନ୍ତି, ଯାହା ଦ୍ୱାରା ନା ଟୋଲ୍ ପ୍ଲାଜାରେ ଅଟକିବାକୁ ପଡିବ, ନା ଜରିମାନାରୁ ବର୍ତ୍ତିଯିବା ସହଜ ହେବ । ବାସ୍ତବରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଅନୁଯାୟୀ, ୨୦୨୬ ସୁଦ୍ଧା ଦେଶରେ ଏକ ସାଟେଲାଇଟ୍-ଆଧାରିତ ଟୋଲ୍ ଆଦାୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ, ଯାହା ଦ୍ୱାରା ଗାଡ଼ିଗୁଡ଼ିକ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ଟୋଲ୍ ପ୍ଲାଜା ପାର କରିପାରିବେ।

ନୀତିନ ଗଡ଼କରୀ ସଂସଦରେ କହିଛନ୍ତି ଯେ ୨୦୨୬ ସୁଦ୍ଧା ସମସ୍ତ ଗାଡ଼ି ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ନ ଅଟକି ଟୋଲ୍ ପ୍ଲାଜା ଦେଇ ଯାଇପାରିବେ। ଗାଡ଼ିର ନମ୍ବର ପ୍ଲେଟ୍ ଏବଂ FASTagର ଫଟୋ ଉଠାଇବା ପାଇଁ ହାଇ-ସ୍ପିଡ୍ କ୍ୟାମେରା ଲଗାଯିବ। ତା'ପରେ ଗାଡ଼ି ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରୁ ସିଧାସଳଖ ଟୋଲ୍ ରାଶି କଟିଯିବ। ଏହାର ଅର୍ଥ କୌଣସି ନଗଦ ଟଙ୍କା ନାହିଁ, କୌଣସି ବାଧା ନାହିଁ ଏବଂ ଲମ୍ବା ଧାଡ଼ି ନାହିଁ । ଏହି ନୂତନ ବ୍ୟବସ୍ଥା ଗତି ଉପରେ ମଧ୍ୟ ନଜର ରଖିବ। ଯଦି କୌଣସି ଗାଡ଼ି ସାଧାରଣ ଅପେକ୍ଷା ଦୁଇଟି ଟୋଲ୍ ପ୍ଲାଜା ମଧ୍ୟରେ ଦ୍ରୁତ ଗତିରେ ପହଞ୍ଚେ, ତେବେ ସିଷ୍ଟମ୍ ଗାଡ଼ିକୁ ଦ୍ରୁତ ଗତିରେ ଚଲାଯାଉଥିବା ଚିହ୍ନଟ କରିବ। ଏପରି ପରିସ୍ଥିତିରେ, ଏକ ଚାଲାଣ ସ୍ୱୟଂଚାଳିତ ଭାବରେ ଜାରି କରାଯିବ। ଗଡକରୀ କହିଛନ୍ତି ଯେ ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥା ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା (AI) ସାହାଯ୍ୟରେ କାର୍ଯ୍ୟ କରିବ। ଟୋଲ୍ ପ୍ଲାଜାରେ ଯାନବାହାନ ନ ଅଟକାଇ ଇନ୍ଧନ ସଞ୍ଚୟ ହେବ। ସରକାରଙ୍କ ଅନୁଯାୟୀ, ଏହା ପ୍ରାୟ ୧୫୦୦ କୋଟି ଟଙ୍କାର ଇନ୍ଧନ ସଞ୍ଚୟ କରିବ। ଏହା ସହିତ, ସରକାରଙ୍କ ଜରୁରୀକାଳୀନ ପାଣ୍ଠିରେ ପ୍ରାୟ ୬୦୦୦ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ସୃଷ୍ଟି କରିବ। ଏହା ସହିତ, ଟୋଲ୍ ପ୍ଲାଜାରେ କର୍ମଚାରୀଙ୍କ ଆବଶ୍ୟକତା ହ୍ରାସ ପାଇବ, ଯାହା ଦ୍ୱାରା ପରିଚାଳନା ଖର୍ଚ୍ଚ ହ୍ରାସ ପାଇବ। ନୀତିନ ଗଡକରୀ ସ୍ପଷ୍ଟ କରିଛନ୍ତି ଯେ କେନ୍ଦ୍ର ସରକାର କେବଳ ଜାତୀୟ ରାଜପଥ ପାଇଁ ଦାୟୀ, ରାଜ୍ୟ, ସହର କିମ୍ବା ଗ୍ରାମାଞ୍ଚଳ ରାସ୍ତା ପାଇଁ ନୁହେଁ। ସେ କହିଛନ୍ତି ଯେ ୭୦% ଅଭିଯୋଗ ସେହି ରାସ୍ତାଗୁଡିକର ଆସୁଛି ଯେଉଁ ରାସ୍ତାଗୁଡ଼ିକର କେନ୍ଦ୍ର ସରକାରଙ୍କର କିଛି ସମ୍ପର୍କ ନାହିଁ । ଜାତୀୟ ରାଜପଥରେ ନିମ୍ନମାନର କାମ କରୁଥିବା ଠିକାଦାରମାନଙ୍କୁ ଏବେ ଦୁଇ ବର୍ଷ ପାଇଁ କଳା ତାଲିକାଭୁକ୍ତ କରାଯିବ। ଆବଶ୍ୟକ ହେଲେ, କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

# ବଧୂ ବିଦେଶିନୀ–୪୫

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୬୫. ଯବଦେଶରେ ଅଧ୍ୟାପନା



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ଯବଦେଶ ଭ୍ରମଣ ସମାପ୍ତ କରି ଆସିବାର ପରଦିନ ମୋ ଓ ଉଦୟନଙ୍କ କର୍ମସଂସ୍ଥାନ ବିଷୟକ ପ୍ରତୀକ୍ଷାର ଅନ୍ତ ହେଲା ଯେତେବେଳେ ଆମ୍ଭ ଦୁହିଁଙ୍କୁ ଅଧ୍ୟାପକ ପଦରେ ନିଯୁକ୍ତି ଜନିତ ପତ୍ର ହସ୍ତଗତ ହେଲା । ପ୍ରଥମ ଉପାର୍ଜନ ଓ ଉଚ୍ଚ ଶିକ୍ଷାଦାନ କାର୍ଯ୍ୟ ପ୍ରାପ୍ତି ଯେ କେତେ ଆନନ୍ଦଦାୟକ ତାହା କହିହେବ ନାହିଁ। ବର୍ତ୍ତମାନ ଆମ୍ଭେ ଦ୍ୱୟ ସମାଜର ଦୁଇ ଜଣ ଦାୟିତ୍ୱବାନ ବ୍ୟକ୍ତି ହେବାକୁ ଯାଉଛୁ। ତେଣୁ ଆନନ୍ଦ, ଆଭାର ପ୍ରକଟ ନିମିତ୍ତ ତଥା ଆଶୀର୍ବାଦ ପ୍ରାପ୍ତ୍ୟର୍ଥେ ଦୁହେଁ ପିଉସୀ ମା' ରାଣୀ ପ୍ରମୋଦ ବର୍ଦ୍ଧିନୀଙ୍କ ବାସସ୍ଥାନକୁ ଗଲୁ । ଅଧିକ କଣ କହିବି ? ତାଙ୍କର ଅପାର ଆନନ୍ଦ ଯେ ଆକଳନ କରିହେବ ନାହିଁ । ସେହିପରି ରାଜପ୍ରସାଦରେ ଥିବା ସମସ୍ତ ଗୁରୁଜନଙ୍କ ନିକଟକୁ ଗଲୁ ଓ ଆଶୀର୍ବାଦ ନେଲୁ ।

ଏହା ପରେ ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ଗୃହକୁ ଗଲୁ। ଆମ୍ଭଙ୍କୁ ଅଧ୍ୟାପକ ଅଧ୍ୟାପିକା ରୂପରେ ଦେଖିବାକୁ ଗୁରୁଦେବ ଓ ଗୁରୁମାତା କେତେ ଯେ ଆନନ୍ଦିତ ଥିଲେ ତାହା ଆମ୍ଭକୁ ଦେଇଥିଲା ଅଶେଷ ପ୍ରେରଣା । ଦୁହେଁ ମୋତେ ବାଲ୍ୟକାଳରୁ ଗଢିଥିଲେ। ପୁଷ୍ପଗିରିରେ ସେମାନେ ମୋର ହିଁ ଥିଲେ ସବୁକିଛି। ଆଶୀର୍ବାଦ ନେଲୁ। ଆଚାର୍ଯ୍ୟ କହିଲେ ଯେ, ତାଙ୍କର ସବୁ ପରାମର୍ଶ ମହାରାଜ ମହାରାଣୀ ଅନୁମୋଦନ କରିଛନ୍ତି । ଆମ୍ଭ ବିଦ୍ୟାପୀଠକୁ ମହାବିଦ୍ୟାପୀଠକୁ ଉନ୍ନୀତ କରାଯାଇଛି । ତିନି ବର୍ଷିଆ ଶାସ୍ତ୍ରୀ ଉପାଧି ନିମିତ୍ତ ପଠନ କାର୍ଯ୍ୟ ଆରମ୍ଭ ହେବ । ଆଚାର୍ଯ୍ୟ ପଦଧାରୀ କେହି ଶିକ୍ଷକ ନଥିବାରୁ ଆମ୍ଭେ ଦୁହେଁ ଅଧ୍ୟକ୍ଷ ଆଚାର୍ଯ୍ୟଙ୍କ ସହିତ ମିଶି ଶାସ୍ତ୍ରୀ ପାଠ୍ୟକ୍ରମରେ ବିଦ୍ୟାଦାନ କରିବୁ । ଏହା ହେବ ଆମ୍ଭ ପାଇଁ ଗୌରବ ବିଷୟ । ଏହିପରି ଶିକ୍ଷାକ୍ଷେତ୍ରର କରିବାକୁ ଥିବା ପରିବର୍ତ୍ତନ ବିଷୟରେ ଆମ୍ଭଙ୍କୁ ଆଚାର୍ଯ୍ୟ କହିଲେ । ଏ ସବୁକୁ ଅତି ତ୍ୱରାନ୍ୱିତ ଭାବରେ ପ୍ରସ୍ତୁତ କରି ପ୍ରବର୍ତ୍ତନ କରିବାକୁ ହେବ । ସେଥିପାଇଁ ସେ ଆମ୍ଭର ପରାମର୍ଶ ନେବେ ଓ ଆମ୍ଭ ଉପରେ ଅନେକ କାର୍ଯ୍ୟଭାର ନ୍ୟସ୍ତ କରିବେ। ଆନନ୍ଦରେ ଆମ୍ଭେ ସମସ୍ତ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିବୁ ବୋଲି କହିଲୁ । ସେ ମଧ୍ୟ ଆମ୍ଭ କର୍ମସଂସ୍ଥାନ ଜୀବନରେ ସଫଳ ହେବା ନିମିତ୍ତ ଅନେକ ଉପଦେଶ ଦେଲେ । ଆଚାର୍ଯ୍ୟଙ୍କ ଗୃହରୁ ବିଦାୟ ନେଲୁ ।

ତା' ପରଦିନ ବିଦ୍ୟାପୀଠରେ ଯାଇ ନୂତନ କର୍ମକ୍ଷେତ୍ରରେ ଯୋଗଦାନ ଦେଲୁ । ମନରେ ଅପୂର୍ବ ପୁଲକ। ଛାତ୍ରଛାତ୍ରୀମାନଙ୍କଠାରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମନକୁ ନଭସ୍ପର୍ଶୀ କରିଦେଉଥାଏ । ଏ ଏକ ନବଜୀବନ ! କି ଆନନ୍ଦଦାୟକ !

ଆମ୍ଭର ଗୁରୁଦେବ ତଥା ମହାବିଦ୍ୟାପୀଠର ଅଧ୍ୟକ୍ଷ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଆମ୍ଭ ସହ ଆଲୋଚନା ଓ ଆମ୍ଭ ଉପରେ ଅନେକ କାର୍ଯ୍ୟନ୍ୟସ୍ତ କରିବା ସ୍ୱାଭାବିକ । ସେ ଯେପରି କର୍ମଠ, ଆମ୍ଭକୁ ସେପରି ହେବା ଉଚିତ । ଏହା ଥିଲା ଆମ୍ଭ ନିମିତ୍ତି ବଳିଷ୍ଠ ପ୍ରୋତ୍ସାହନ। ତେଣୁ ଶିକ୍ଷାକ୍ଷେତ୍ରରେ ସଂସ୍କାର ଆଣିବା କାର୍ଯ୍ୟ ବହୁଳରୁ ବହୁଳତର ଆମ୍ଭ ଉପରକୁ ଆସିଗଲା । ସେ ସବୁକୁ ଶୀଘ୍ର କାର୍ଯ୍ୟକାରୀ କରାଇବା ଆମ୍ଭକୁ ଦେଇଥିଲା ଅଶେଷ ଆନନ୍ଦକର ଅନୁଭୂତି ।

ସମସ୍ତ ଶ୍ରେଣୀ ପାଇଁ ପରିବର୍ତ୍ତିତ ପାଠ୍ୟକ୍ରମ ପ୍ରସ୍ତୁତି, ଶାସ୍ତ୍ରୀ ଶ୍ରେଣୀମାନଙ୍କ ପାଇଁ ନୂତନ ପାଠ୍ୟକ୍ରମ ନିର୍ମାଣ, ଗୃହରେ ଶିକ୍ଷା ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ପରୀକ୍ଷା କରି ବିଭିନ୍ନ ସ୍ତରରେ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା ନିର୍ଦ୍ଧାରଣ ଇତ୍ୟାଦି ଅନେକ ଶିକ୍ଷା ସଂସ୍କାର କରାଗଲା । ଏସବୁ ଆମ୍ଭ ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି କରିବାରେ ବିଶେଷ ସହାୟକ ହେଲା। ଏ ବିଷୟରେ ଅଧିକ କହିବା ନିଷ୍ପ୍ରୟୋଜନ ।

ଏସବୁ କାର୍ଯ୍ୟ ଅଗ୍ରଗତି କରୁଥିବା ସମୟରେ ଅଳ୍ପ ଦିନ ପରେ ଆଚାର୍ଯ୍ୟ ଆମ୍ଭକୁ କହିଲେ, "ଦେଖ ବତ୍ସ, ତୁମ ଦୁହିଁଙ୍କ ବିଦ୍ୟାର୍ଥୀ ରୂପରେ ଓ ମୋର ଅଧ୍ୟାପକ ଭାବେ ପୁଷ୍ପଗିରିରେ ଯେଉଁସବୁ ଅନୁଭୂତି ରହିଅଛି ସେ ସମସ୍ତ ଆଧାରରେ ଅନେକ ସଂସ୍କାର ଦ୍ରୁତ ଗତିରେ ସମ୍ପାଦିତ ହେବାରେ ଲାଗିଛି । କିନ୍ତୁ ଆଉ ଏକ ମୁଖ୍ୟ କାର୍ଯ୍ୟ କରିବାକୁ ଅଛି । ତାହା ହେଲା ଆମ୍ଭ ମହାବିଦ୍ୟାପୀଠକୁ ବର୍ତ୍ତମାନ ପରି ଆଉ ଆମ୍ଭ ରାଜ୍ୟ ମଧ୍ୟରେ ସୀମିତ ରଖିବା ନାହିଁ । ତାହାକୁ ବିସ୍ତିର୍ଣ୍ଣ କରିବାକୁ ହେଲେ ଆମ୍ଭ ନିକଟ କଳିଙ୍ଗ ରାଜ୍ୟର କଳିଙ୍ଗ ବିଶ୍ୱବିଦ୍ୟାଳୟ ସହ ସମ୍ବନ୍ଧ ରଖିବାକୁ ହେବ ଓ ସେଠାରେ ମଧ୍ୟ ପୁଷ୍ପଗିରି ଅନୁଭୂତିକୁ କାର୍ଯ୍ୟକାରୀ କରିବାକୁ ହେବ ।" ଆମ୍ଭେ ଆଗ୍ରହ ଦେଖାଇ "ଅତି ଉତ୍ତମ" ବୋଲି କହିଲୁ । ତେଣୁ ବିଶଦ ବାର୍ତ୍ତାଳାପ ପରେ ଆଚାର୍ଯ୍ୟ କଳିଙ୍ଗ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସାକ୍ଷାତ କରିବା ପାଇଁ ଗଲେ ।

କଳିଙ୍ଗ ବିଶ୍ୱବିଦ୍ୟାଳୟର କୁଳପତି ମହୋଦୟ ଆଚାର୍ଯ୍ୟଙ୍କ ପରିଚୟ ଓ ପରାମର୍ଶ ପାଇ ଅତୀବ ଆନନ୍ଦ ବ୍ୟକ୍ତ କରି କହିଲେ, "ମହୋଦୟ, ଆମ୍ଭ ପୂର୍ବ ପୁରୁଷ ରାଜ୍ୟ କଳିଙ୍ଗର ବିଖ୍ୟାତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ତୁମ୍ଭେ ଷଡ଼ ବର୍ଷ ଅଧ୍ୟାପନା ଓ ଗବେଷଣା କରି ଯବଦ୍ୱୀପ ଆସିଅଛ, ତାହା ଆମ୍ଭମାନଙ୍କପାଇଁ ଅତ୍ୟନ୍ତ ଗର୍ବର ବିଷୟ । ତୁମ୍ଭ ନବ ସଂଗଠିତ ମହାବିଦ୍ୟାପୀଠ ଯେ ଆମ୍ଭ ବିଶ୍ୱବିଦ୍ୟାଳୟଦ୍ୱାରା ପାଠ୍ୟକ୍ରମ ପରୀକ୍ଷା ଆଦି କ୍ଷେତ୍ରରେ ନିୟନ୍ତ୍ରିତ ହେବାର ତୁମ୍ଭ ପ୍ରସ୍ତାବ ସ୍ୱାଗତଯୋଗ୍ୟ । ତୁମ୍ଭେ ଅବିଳମ୍ବେ ଲିଖିତ ପ୍ରସ୍ତାବ ପ୍ରେରଣ କର । ତୁମ୍ଭେ ଯେଉଁ ସବୁ ଶିକ୍ଷା ସଂସ୍କାର ବିଷୟରେ ଅବଗତ କରାଇଛ ତାହା ଅତ୍ୟୁତ୍ତମ ଅଟେ। ସମସ୍ତ ପରାମର୍ଶ ଆମ୍ଭେ ଏଠାରେ କାର୍ଯ୍ୟକାରୀ କରିବୁ । ଆମ୍ଭେ ଚିନ୍ତା କରୁଛୁ ଯେ ତୁମ୍ଭେ ଆମ୍ଭ ବିଦ୍ୟାପୀଠର ପରିଚାଳନା ସମିତି ତଥା ଅନ୍ୟ ସମିତି ଆଦିରେ ବିଶିଷ୍ଟ ସଭ୍ୟପଦରେ ରହିଲେ ଏ ସବୁ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହୋଇପାରିବ । ଏ ସବୁପାଇଁ ଆମ୍ଭେ ତୁମ୍ଭ ନିକଟରେ ଆଭାର ପ୍ରକଟ କରୁଛୁ ।" ଆଚାର୍ଯ୍ୟ ହାତଯୋଡି ସ୍ୱୀକାର କଲେ ।

ଆମ୍ଭ ବିଶ୍ୱବିଦ୍ୟାପୀଠକୁ ଆସି, ଆଚାର୍ଯ୍ୟ ସମସ୍ତ ପ୍ରସ୍ତାବ ଆଦି କୁଳପତିଙ୍କୁ ପ୍ରେରଣ କଲେ, ଅବିଳମ୍ବେ ସମସ୍ତ ଗୃହୀତ ହୋଇଗଲା । ଆମ୍ଭ ମହାବିଦ୍ୟାପୀଠ କଳିଙ୍ଗ ବିଶ୍ୱବିଦ୍ୟାପୀଠର ସର୍ବପ୍ରଥମ ସଂଶ୍ଲିଷ୍ଟ ଅନୁଷ୍ଠାନ ହୋଇଗଲା। କୁଳପତି ଆମ୍ଭ ଆଚାର୍ଯ୍ୟଙ୍କୁ ସମସ୍ତ ପ୍ରଧାନ ସମିତିରେ ବିଶିଷ୍ଟ ସଭ୍ୟ ଭାବରେ ସ୍ଥାନିତ କରିଦେଲେ । ତେଣୁ ଆଚାର୍ଯ୍ୟଙ୍କୁ ବାରମ୍ବାର ବିଶ୍ୱବିଦ୍ୟାପୀଠକୁ ଏସବୁ କାର୍ଯ୍ୟପାଇଁ ଯିବାକୁ ହେଲା । ଏହା ଦ୍ୱାରା ଆଚାର୍ଯ୍ୟ ଯବଦ୍ୱୀପର ଶିକ୍ଷାକ୍ଷେତ୍ରରେ ଜଣେ ବିଖ୍ୟାତ ଓ ଚର୍ଚ୍ଚିତ ବ୍ୟକ୍ତିତ୍ୱ ହୋଇଗଲେ ।

ଆଚାର୍ଯ୍ୟ ଅନେକ ବାର ବିଶ୍ୱବିଦ୍ୟାପୀଠକୁ ଯାଉଥିବାରୁ ଆମ୍ଭକୁ ତାଙ୍କ କାର୍ଯ୍ୟଭାର ସମ୍ପାଦନ କରିବାକୁ ପଡୁଥିଲା । ଏ ଥିଲା ଆମ୍ଭପାଇଁ ଅନନ୍ୟ ଅନୁଭୂତି । ବହୁ ସମୟରେ ମଧ୍ୟ ଆଚାର୍ଯ୍ୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟକୁ ଯାଇନପାରିଲେ, ତାଙ୍କ ପ୍ରତିନିଧି ଭାବେ ଆମ୍ଭଙ୍କୁ ପ୍ରେରଣ କରୁଥିଲେ। ଏତଦ୍ୱାରା ଆମ୍ଭର କାର୍ଯ୍ୟପରିସର ବିସ୍ତିର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଆମ୍ଭର ସୁଖ୍ୟାତି ବୃଦ୍ଧି ପାଉଥିଲା। ଅନେକ ସମୟରେ କୁଳପତି ଆମ୍ଭକୁ କିଛିଦିନ ସେଠାରେ ଶିକ୍ଷାଦାନ କରିବାକୁ ସୁଯୋଗ ଦେଉଥିଲେ । ଏସବୁ ଆମ୍ଭଦ୍ୱୟଙ୍କ ନିମିତ୍ତେ ଅତ୍ୟନ୍ତ ପ୍ରେରଣାଦାୟକ ଓ ଶିକ୍ଷାପ୍ରଦ ଥିଲା ।

କିଛିଦିନ ପରେ ସୁହାସୀର ଅଧ୍ୟାପିକା ପଦରେ ପୁଷ୍ପଗିରିରେ ଯୋଗଦାନ ଓ ସମସ୍ତ କୁଶଳ ବିଷୟକ ପତ୍ର ଆସିଲା । ତତ୍‌ସଦୃଶ ମଞ୍ଜୁଳାର ନିଜ ବିଦ୍ୟାଳୟ ପରିଚାଳନା ସୂଚାରୁରୂପେ ଚାଲିଛି ବୋଲି ମଧ୍ୟ ପତ୍ର ଆସିଥିଲା । ମୁଁ ମଧ୍ୟ ସେମାନଙ୍କୁ ମୋ ବିଷୟ ଜଣାଇଥିଲି। ସେ ଦ୍ୱୟଙ୍କ କର୍ତ୍ତବ୍ୟ ସମ୍ପାଦନ ଓ ଉତ୍ତମ କାର୍ଯ୍ୟ ବିଷୟରେ ପରେ କହିବି ।

ଏ ସମସ୍ତ ସୁଖଦ ଭାବରେ ଚାଲିଥିଲେ ମଧ୍ୟ ହଠାତ ମୋ ନିର୍ମଳ ଜୀବନ ଆକାଶରେ ଏକ କଳା ମେଘ ଘୋଟେଇ ଆସିଲା। ସେ ସମସ୍ୟାକୁ କିପରି ଆମ୍ଭେ ପତିପତ୍ନୀ ଧୈର୍ଯ୍ୟର ସହ ଦୂରୀଭୂତ କଲୁ। ସେ ବିଷୟରେ ମୁଁ ବର୍ତ୍ତମାନ କହୁଛି । (କ୍ରମଶଃ..)

# ଅନ୍ତିମ ବ୍ୟକ୍ତିର ସଂକଳ୍ପ ଥିଲା ବନ୍ଦେ ମାତରମ୍



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଦେଢ଼ ଶହ ବର୍ଷପୂର୍ବେ ବନ୍ଦେ ମାତରମ୍ ଗୀତ ଲେଖିଲାବେଳେ ବଙ୍କିମ୍ ଚନ୍ଦ୍ର ଚଟୋପାଧ୍ୟାୟ ଏବଂ ୧୮୯୬ରେ ବିଶ୍ୱ କବି ରବିନ୍ଦ୍ରନାଥ ଠାକୁର ଏହି ଗୀତ ବୋଲିଲାବେଳେ କେବେ କଳ୍ପନା କରିନଥିଲେ ଯେ, ଏହି ଗୀତକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହେବ । ଏପରିକି ମହର୍ଷି ଅରବିନ୍ଦ, ମହାତ୍ମାଗାନ୍ଧୀ ଏବଂ ନେହେରୁ ମଧ୍ୟ ଏଭଳି ଆଶା କରିନଥିଲେ । ଏହି ମହାପୁରୁଷମାନେ କେବେ ଭାବିନଥିଲେ ଯେ ସ୍ୱାଧୀନ ଭାରତରେ ଏଭଳି ଏକ ସମୟ ଆସିବ ଯେତେବେଳେ ସତ୍ୟ ଓ ସ୍ୱଦେଶୀକୁ ଅଣଦେଖା କରାଯାଇ ବନ୍ଦେ ମାତରମ୍ ଉପରେ ବିବାଦ ସୃଷ୍ଟି ହେବ । ଏମାନଙ୍କ ପାଇଁ ଏହି ଗୀତ ସତ୍ୟ, ସ୍ୱାଭିମାନ, ସ୍ୱତନ୍ତ୍ରତା ଏବଂ ସ୍ୱଦେଶୀ ଆତ୍ମାର ସଂଗୀତ ଥିଲା । ଏହି ଗୀତ ସେତେବେଳେ ରାଷ୍ଟ୍ରଭକ୍ତ ମାନଙ୍କର ସତ୍ୟ, ପ୍ରତିଜ୍ଞାର ସଂକଳ୍ପ ଥିଲା । ଭାରତମାତାଙ୍କ ରକ୍ଷାସହ ତାଙ୍କ ଗାରିମାରେ ସ୍ୱଦେଶୀ ଆପଣେଇବାର ପ୍ରଣ ଥିଲା । ଚଲି ଚଳଣୀ, ଚେହେରା, ଚରିତ୍ରରେ ସତ୍ୟ ସ୍ୱାଭିମାନର ଝଲକ ଥିଲା । ଲର୍ଡ଼ କର୍ଜନ ୧୯୦୫ ଯେତେବେଳ ବଙ୍ଗଳାର ବିଭାଜନ ପାଇଁ ନିଷ୍ପତ୍ତି ନେଲେ ସେତେବେଳେ ଏହି ଗୀତ ସବୁ ରାଷ୍ଟ୍ରବାଦୀଙ୍କ ମନମସ୍ତିଷ୍କରେ ଗୁଞ୍ଜରୀ ଉଠିଥିଲା । କଂଗ୍ରେସର ନରମପନ୍ଥୀ ଓ ଗରମପନ୍ଥୀ, କ୍ରାନ୍ତୀକାରୀ ଅଥବା ସତ୍ୟାଗ୍ରହୀ ସମସ୍ତଙ୍କ ମଧ୍ୟରେ ସତ୍ୟ, ସ୍ୱାଭିମାନ, ସ୍ୱରାଜ, ସ୍ୱଦେଶୀର ସଂକଳ୍ପ ଥିଲା ।

ସ୍ୱଦେଶୀ ଆନ୍ଦୋଳନ ହେଲା । ବହିଷ୍କାର ଆନ୍ଦୋଳନ ହେଲା । ଆନ୍ଦୋଳନକାରୀମାନେ କପାମିଲ୍ ଜାଳିଦେଲେ, ଚରଖା ଚଳାଇବା ଆରମ୍ଭ ହେଲା । ବିଦେଶୀ କପଡ଼ାକୁ ବହିଷ୍କାର କରାଗଲା । ସେ ସମୟରେ ମହାତ୍ମାଗାନ୍ଧୀ କହିଥିଲେ 'ସ୍ୱଦେଶୀ ସତ୍ୟର ଅଭ୍ୟାସ ଅଟେ । ଯେଉଁ ରାଷ୍ଟ୍ର ନିଜର ଆବଶ୍ୟକତା ପାଇଁ ପରାଶ୍ରିତ ହୁଏ ସେ ଦେଶ କେବେ ସ୍ୱାଧୀନ ହୋଇପାରେନାହିଁ ।' ବନ୍ଦେ ମାତରମ୍ ରାଷ୍ଟ୍ରର ସ୍ୱଦେଶୀ ଆଗ୍ରହଥିବା ଚଳଣୀ, ଚେହେରା ଓ ଚରିତ୍ରର ପର୍ଯ୍ୟାୟ ଅଟେ । ଏହା ଦେଖେଇହେବା ରାଷ୍ଟ୍ରବାଦ ତଥା ହିନ୍ଦୁ ମୁସଲିମ ବିବାଦକୁ ପ୍ରୋତ୍ସାହିତ କରୁଥିବା ଗୀତ ନୁହେଁ । ଏଣୁ ରାଷ୍ଟ୍ରଗୀତର ପ୍ରଚାରାତ୍ମକ ଉପଯୋଗ କରାଯିବା ଉଚିତ୍ ନୁହେଁ । ବିଶେଷକରି ଆଜିର ସମୟରେ ଯେତେବେଳେ ବନ୍ଦେ ମାତରମ୍‌ର ସତ୍ୟତ□ବିଲୁପ୍ତ ପ୍ରାୟ । ନା ସତ୍ୟ କାହାରିକୁ ପସନ୍ଦ ନା ବ୍ୟବହାରରେ ଶାଳୀନତା ଅଥବା ସ୍ୱାଭିମାନ ଗୁରୁତ୍ୱ ଏବେ ରହିଛି ।

୨୦୨୫ରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଭାରତର ଅନେକ ବଦନାମ କରିଛନ୍ତି କିନ୍ତୁ ଆମ ଦେଶର ପ୍ରଧାନମନ୍ତ୍ରୀ ଥରେ ବି ସେସବୁର ପ୍ରତିବାଦ କରିନାହାନ୍ତି । ଚୀନ ସୀମାରେ ତାର ଦାଦାଗିରି ଚଳାଇଛି କିନ୍ତୁ ସେସବୁକୁ ଅଣଦେଖା କରାଯାଇ ଓଲଟା ଚୀନ ପାଇଁ ଭାରତ ବଜାରକୁ ଖୋଲିଦିଆଯାଇଛି । ନିଜକୁ ରାଷ୍ଟ୍ରବାଦୀ କହୁଥିବା ଲୋକେ ହୁଏତ କହିପାରନ୍ତି ବନ୍ଦେ ମାତରମ୍ ମାତୃଭୂମିର ପୂଜାମାତ୍ର, ଏଣୁ ସ୍ୱଦେଶୀ, ସ୍ୱତନ୍ତ୍ରତା, ସତ୍ୟ ଆତ୍ମ ନିର୍ଭରତା ଆଦି କଥାର କ'ଣ ଅର୍ଥ ଅଛି ଆଜିର ଭୂମଣ୍ଡଳୀକରଣ ଯୁଗରେ ଯାହା ଭାରତକୁ ବଜାର ହେବାରେ ଅନ୍ୟଅର୍ଥରେ ବିକଶିତ ଭାରତହେବାର ବାଧାସୃଷ୍ଟି କରିବ । କିନ୍ତୁ ବଙ୍କିମଚନ୍ଦ୍ର, ରବିନ୍ଦ୍ରନାଥ, ଅରବିନ୍ଦ, ଗାନ୍ଧୀ, ନେହେରୁ ଏପରିକି ସାବରକର ଏବଂ ଗୋଲବାଲକରଙ୍କ ମନରେ ଏଭଳି ଭ୍ରମ ନଥିଲା । ଗାନ୍ଧୀ କହିଥିଲେ ସ୍ୱଦେଶୀ କେବଳ ଅର୍ଥଶାସ୍ତ୍ର ନୁହେଁ ନିଜ କର୍ତ୍ତବ୍ୟର ଶୁଦ୍ଧତମ ରୂପ ଏବଂ ସତ୍ୟର ଅଭ୍ୟାସ ଅଟେ । ନେହେରୁ ସଂବିଧାନ ସଭାର ବୈଠକରେ କହିଥିଲେ ସ୍ୱଦେଶୀର ଅର୍ଥ ସମସ୍ତଙ୍କ ପାଇଁ ଦରଜା ବନ୍ଦ କରିବା ନୁହେଁ ବରଂ ମୂଳଦୁଆକୁ ମଜଭୁତ କରିବା । ଏବେ ବନ୍ଦେ ମାତରମ୍‌କୁ ନେଇ ରାଜନୀତି ସହ କାହାର ମୂଳଦୁଆ ମଜଭୁତ କରାଯାଉଛି ? କ'ଣ ଚୀନର ନା ସେହି ବଜାରର ନା ଭାରତର ସେହି କିଛିଲୋକଙ୍କର ଯେଉଁମାନେ ବିଦେଶୀ ଉଦ୍ୟୋଗୀମାନଙ୍କ ପାଇଁ ଭାରତରେ ମୂଳଦୁଆ ହୋଇ ରହିଛନ୍ତି ।

୧୮୯୬ରେ ରବିନ୍ଦ୍ରନାଥ ଠାକୁର ବନ୍ଦେ ମାତରମ୍ ଗୀତକୁ ସ୍ୱଦେଶୀ ଆତ୍ମାର ସଂଗୀତ ବୋଲି କହିଥିଲେ । ଏହାର ଅର୍ଥ ଭାରତମାତାର ପ୍ରଣାମରେ ମାଟି, କୃଷକ, କାରିଗର, ଶ୍ରମ ଏବଂ ସେହି ସ୍ୱଦେଶୀ ଆତ୍ମ ନିର୍ଭରତାର କଥା ଥିଲା । ଶହ ଶହ ବର୍ଷ ହେବ ଭାରତ ମଧ୍ୟ ଏମିତି ଚାଲୁଥିଲା ଯେଉଠି ମାଟି, କୃଷକ, କାରିଗର, ଶ୍ରମର କଥା ଥିଲା । କିନ୍ତୁ ଏବେ ଦେଶ ଏକ ବଜାରରେ ପରିଣତ ହୋଇଯାଇଛି । ବଜାର କାହାର ? ଭାରତୀୟ ବଜାରର ପଚାଶ ପ୍ରତିଶତରୁ ଅଧିକ ବସ୍ତୁ ଚୀନର । ଏହା କ'ଣ ଆମ ସ୍ୱତ୍ୱ ପାଇଁ ଆଘାତ ନୁହେଁ କି ? ଭାରତ ବଜାରକୁ ଚୀନର ଇଲୋକ୍ଟ୍ରୋନିକ ଉତ୍ପାଦ ଏକପ୍ରକାର ଅଧିକାର କରି ନେଇଛି । କେବଳ ଚୀନ ନୁହେଁ ଦକ୍ଷିଣକୋରିଆ, ଭିଏତନାମ ଏବଂ ଏସିୟାନ ଦେଶମାନଙ୍କର ଜିନିଷ ଭାରତ ବଜାରରେ ଭର୍ତ୍ତି ହୋଇ ରହିଛି । ଭାରତରେ ଔଷଧର ଏପିଆଇ ଅର୍ଥାତ୍ ଔଷଧ ଉଦ୍ୟୋଗର ମୂଳଦୁଆ ୬୫ରୁ ୭୦ପ୍ରତିଶତ ଚୀନର ସହଯୋଗରେ ଠିଆ ହୋଇଛି । ଚିନ୍ତାକରିବା ଉଚିତ୍ କ'ଣ ଏଭଳି ପରାଶ୍ରିତ ଦେଶ ଅନ୍ୟ କିଏ ଅଛି କି ? ଏଥିରେ ଯଦି ସେନାର ସାଜ ସରାମ, ଉଚ୍ଚ ବୈଷୟିକ ଜ୍ଞାନ କୌଶଳଠାରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଆଦିର ହିସାବ ଯୋଡ଼ାଯିବ ତେବେ ଚିତ୍ର ଆହୁରି ଭୟାବହ ଦେଖାଯିବ । କ'ଣ ବଙ୍କିମଚନ୍ଦ୍ର, ରବିନ୍ଦ୍ରନାଥ, ଅରବିନ୍ଦ, ଗାନ୍ଧୀ ଓ ନେହେରୁଙ୍କ ଭଳି ମହାମନିଷୀମାନେ ଏଭଳି ଭାରତର କଳ୍ପନା କରି ବନ୍ଦେ ମାତରମ୍ ଗାଇଥିଲେ ? ବନ୍ଦେ ମାତରମ୍ ସ୍ୱାଧୀନତା ସଂଗ୍ରାମ ସହ ଅନ୍ତିମ ବ୍ୟକ୍ତିର ମର୍ଯ୍ୟାଦା ଓ ରୋଜଗାରର କଥା କହୁଥିଲା । ଏଥିରେ ସ୍ୱଦେଶୀର ଜିଦ୍ ଥିଲା । ଗାନ୍ଧୀ ଚରଖାରେ ସୂତା କାଟୁଥିଲେ । ସେତେବେଳେକ ଅନ୍ତିମ ବ୍ୟକ୍ତିର ଗୁରୁତ୍ୱ ଥିଲା ଏବଂ ଭାରତର ପରିଚୟରେ ଥିଲେ ସାଧାରଣ ଭାରତୀୟ ଜନତା । ଆଉ ଏବେ ?

# ଚନ୍ଦା

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ବାଳ ଉପୁଡ଼ିଗଲେ ଯେ ଲୋକଙ୍କୁ ବୟସ୍କ ଭଳିଆ ଦିଶେ, ଏକଥା ମୁଁ ମୋ ଆଦ୍ୟ ଯୌବନରୁ ମର୍ମେ ମର୍ମେ ଅନୁଭବ କରିଛି । କାରଣ ଆଦ୍ୟ ଯୌବନରୁହିଁ ମୋର ବାଳ ଉପୁଡ଼ିବାରେ ଲାଗିଥିଲା। ମୋ ସାଙ୍ଗମାନେ ଏଥିନେଇ ମୋତେ ଭାରି ଥଟ୍ଟା କରିଛନ୍ତି। ମୋତେ ମଉସା, ଅଜା ବୋଲି ଡାକିଛନ୍ତି ।

ବାଳ କାହିଁକି ଉପୁଡ଼େ ସେ ବିଷୟରେ ବହୁ ଗବେଷଣା କରିଛି ମୁଁ । ବାଳ ଉପୁଡ଼ିବାର କାରଣ ଅନେକ ଖୋଜି ପାଇଛି । କିନ୍ତୁ ନିରାକରଣର ନିର୍ଦ୍ଦିଷ୍ଟ କିଛି ବାଟ ପାଇନି । ମୋ ମୁଣ୍ଡରେ ଥିବା କେଶଗୁଡ଼ିକ ରକ୍ଷା କରିବା ପାଇଁ ବହୁତ ଚେଷ୍ଟା କରିଛି । ବହୁ ଔଷଧପତ୍ର ଖାଇଛି । ଯିଏ ଯାହା କହିଛି, କରିଛି । ଅଣ୍ଡା କେଶରଠୁଁ ଆରମ୍ଭ କରି ଅସରପା ନଣ୍ଡି ଯାଏଁ- ବହୁ ସମ୍ଭବ ଅସମ୍ଭବ ଜିନିଷ ମୁଣ୍ଡରେ ଲଗେଇଛି । କିନ୍ତୁ କେଉଁଥିରେ କିଛି ହୋଇନି । ମୋର ସବୁ ଚେଷ୍ଟା ଦୁର୍ନୀତି ନିରାକରଣର ସରକାରୀ ବ୍ୟବସ୍ଥା ପରି ଫେଲ୍ ମାରିଗଲେ । କେଶ ଗୁଡ଼ିକ ଝଡ଼ିବାରେ ଲାଗିଲେ ।

ବୈଜ୍ଞାନିକମାନଙ୍କ ଉପରେ ମୋର ବହୁତ ରାଗ। ସେମାନେ ଯୁଦ୍ଧ ବିମାନ ତିଆରି କରୁଛନ୍ତି, ମଙ୍ଗଳକୁ ଯିବାର ଯାନ ତିଆରି କରୁଛନ୍ତି, କ୍ଲୋନିଂ କରି ମେଣ୍ଢା ସୃଷ୍ଟି କରି ପାରୁଛନ୍ତି । ଏତେ ବଡ଼ବଡ଼ କଥା କରି ପାରୁଛନ୍ତି । ହେଲେ ମଣିଷର କେଶଗୁଡ଼ିକ କିପରି ସହି ସଲାମତ୍ ରହିବ- ଏତିକି କଥା କରି ପାରୁ ନାହାନ୍ତି !

ନିଜ ଚନ୍ଦା ମୁଣ୍ଡ ଘୋଡ଼େଇବା ପାଇଁ କିଛିଦିନ ମୁଁ ପରଚୁଲା ବା ଉଇଗ୍ ପିନ୍ଧିଥିଲି । ପରଚୁଲା ପିନ୍ଧିବା କିଛି ସୁଖକର ଅଭିଜ୍ଞତା ନଥିଲା । ପ୍ରଥମତଃ ପରଚୁଲା ବହୁତ ଦାମ । ଦ୍ୱିତୀୟତଃ ତାକୁ ପିନ୍ଧିଲେ କୁଣ୍ଡେଇ ହୁଏ। କିନ୍ତୁ ତଥାପି ମୁଁ ପିନ୍ଧିଥିଲି । ସେ ଥିଲା ଯୌବନ ବେଳର କଥା । ପଦ୍ମାବତୀକୁ ମୁଁ ମନେ ମନେ ପ୍ରେମ କରୁଛି । ଆମର ପରିଚୟ ପର୍ବ ସରିଛି । ହେଲେ ପଦ୍ମାବତୀ ଗୋଟେ କ୍ରମଶଃ ଚନ୍ଦା ହୋଇଆସୁଥିବା ଯୁବକକୁ ପ୍ରେମ କରିବ କି ନାହିଁ- ଏଥିରେ ମୋର ସନ୍ଦେହ ଥିଲା । ତେଣୁ ଉଇଗ୍। ତେବେ ଦିନେ ଆମେ ଏକାନ୍ତରେ ଗୋଟେ ପାର୍କରେ ବସିଥିଲାବେଳେ ଦମ୍‌କା ଝଡ଼ରେ ଉଇଗ୍ ଉଡ଼ିଗଲା । ମୋର ମନେ ହେଲା ପରଚୁଲା ସହିତ ଆମର ପ୍ରେମପର୍ବବି ବୋଧହୁଏ ବାଏଁ ବାଏଁ ଉଡ଼ିଗଲା । ହେଲେ ପଦ୍ମାବତୀ ମୋ ମୁଣ୍ଡଟି ଆଡ଼କୁ ଚାହିଁ କହିଲା, ଆରେ ଏତେଦିନ ମୁଁ ଭାବୁଥିଲି ତୁମେ ଯୁବକ । ଏବେ ଦେଖୁଛି ତୁମେ ବୟସ୍କ। କମ ବୟସର ଟୋକାଗୁଡ଼ାକ ବଡ଼ ଇରେସ୍‌ପନ୍‌ସିବଲ୍ ହୁଅନ୍ତି। ମୋତେ ମ୍ୟାଚିଓର ଲୋକ ପସନ୍ଦ ।

ତାପରଠୁଁ ମୁଁ ଆଉ ପରଚୁଲା ବ୍ୟବହାର କରିନି। ବାହାହେଲା ପରେ ସଂସାରର ତାତିରେ ସବୁ ଲୋକ ଅଳ୍ପବିସ୍ତରେ ଚନ୍ଦା ହୋଇଯାଆନ୍ତି । ମୁଁ ଆହୁରି ଚନ୍ଦା ହୋଇଯାଇଛି । ଏବେ ମୋ ମୁଣ୍ଡରେ ସର୍ବମୋଟ ୧୦ଟି ବାଳ ଅଛି । ସେଥିରୁ ପାଞ୍ଚଟି ଡାହାଣକୁ ପାଞ୍ଚଟି ବାଁକୁ ପାଟେଇ କୁଣ୍ଡାଏ । ସେତକ ବାଳ କାଟିବାକୁ ମୁଁ ଦିନେ ସେଲୁନକୁ ଗଲି । ବାଳ କାଟି ସାରି ବାରିକ କହିଲା, ଆଜ୍ଞା କୋଡ଼ିଏ ଟଙ୍କା ଦିଅନ୍ତୁ ।

- କୋଡ଼ିଏ ଟଙ୍କା ? ଅନ୍ୟମାନଙ୍କର ବାଳ କାଟିବାକୁ ତ ତମେ ଦଶ ଟଙ୍କା ନିଅ । ମୋ ବେଳକୁ ଡବଲ୍ କାହିଁକି ? ମୋର ତ ବାଳବି କମ୍ ।

- ସେଇଥିପାଇଁ ତ ଆଜ୍ଞା। ଖୋଜିଖୋଜି କାଟିବାକୁ ପଡ଼ିଲା ।

ବାରିକର ଏମିତି କଥାରେ ମୁଁ ରାଗିଯାଇ ମୋର ଅବଶିଷ୍ଟ ଦଶଟି କେଶକୁ ଓପାଡ଼ି ପକେଇଲି। ମୋ ମୁଣ୍ଡଟି ଏବେ ଛୋଟ ତରଭୁଜ ଭଳି ସମ୍ପୂର୍ଣ୍ଣ କେଶଶୂନ୍ୟ ହୋଇଗଲା ।

ଆଗ ଚନ୍ଦା ଜ୍ଞାନୀ, ପଛ ଚନ୍ଦା ଧନୀ ଆଉ ମଝି ଚନ୍ଦା ବେଇମାନି- ଏମିତି ଗୋଟେ ଆପ୍ତବାକ୍ୟ ଓଡ଼ିଆରେ ଅଛି । ମୁଁ ଯେହେତୁ ପୂରାପୂରି ଚନ୍ଦା ତେଣୁ ନିଜକୁ ଜ୍ଞାନୀ ଆଉ ଧନୀ ବୋଲି ବିଚାର କରେ। ଆଗ ଯେଉଁଠି ଶେଷ ହୋଇଛି, ପଛ ସେଇଠୁ ଆରମ୍ଭ ହୋଇଛି । ତେଣୁ ମୋ ମୁଣ୍ଡରେ ମଝି ଚନ୍ଦା ବୋଲି କିଛି ନାହିଁ ବୋଲି ମୋର ବିଶ୍ୱାସ । ପଦ୍ମାବତୀ କିନ୍ତୁ ଭିନ୍ନ ମତାବଲମ୍ବୀ । ତାଙ୍କ ମତରେ ମୋର ପୂରା ଚନ୍ଦାମୁଣ୍ଡଟିରେ ଆଗ ପଛ କିଛି ନାହିଁ, ଅଛି କେବଳ ମଝି । ତେଣୁ ମୁଁ କେବଳ ବେଇମାନି ।

ଚନ୍ଦା ହେବାରେ ଗୋଟେ ବଡ଼ ସମସ୍ୟା ହେଲା, ମୁହଁଟା କେଉଁଠି ଶେଷ ହୋଇଛି ଆଉ ମୁଣ୍ଡଟା କେଉଁଠି ଆରମ୍ଭ ହୋଇଛି ଜାଣିହୁଏନି । ବୁଦ୍ଧିମାନ ଲୋକ ସବୁ ସମସ୍ୟାର ଏକ ସକାରାତ୍ମକ ଦିଗ ଖୋଜି ବାହାର କରିନିଅନ୍ତି । ମୁଁ ବି କରିଛି । ମୁହଁ ଧୋଇବାକୁ ସାବୁନ ସିନା ଟିକେ ଅଧିକ ଦରକାର ହେଉଛି, କିନ୍ତୁ ବାଳ ପାଇଁ ଶ୍ୟାମ୍ପୁ ଆଉ ବିଲକୁଲ ଦରକାର ପଡୁନି । ପାନିଆ ଦରକାର ପଡୁନି । କେଶତୈଳ, କେଶର ପ୍ରସାଧନ ପାଇଁ ଯାହା ଯାହା ଦରକାର ତାହା କିଛି ଦରକାର ହେଉନି । ମାସକୁ ମାସ ବାଳ କାଟିବାକୁ ସେଲୁନ୍‌କୁ ଯିବା ଦରକାର ପଡୁନି । ଏହାଫଳରେ କେତେ ଟଙ୍କା ବଞ୍ଚୁଛି ହିସାବ କର ।

ମୋ ବନ୍ଧୁ ରାମବାବୁ ଦିନେ ମୋ ଚନ୍ଦା ମୁଣ୍ଡ ପାଇଁ ଥଟ୍ଟା କରିବାରୁ ମୁଁ ତାକୁ କହିଲି, ଦେଖ ଈଶ୍ୱର ଯେତେବେଳେ ମଣିଷ ସୃଷ୍ଟି କଲେ, ଯେଉଁଠି ଯାହା ଡିଫେକ୍ଟ ସବୁ ବାଳ ଦେଇ ଘୋଡ଼େଇ ଦେଲେ । ତୋ ମୁଣ୍ଡରେ ବାଳ ଅଛି । ମୋର ନାହିଁ । ଅର୍ଥ : ମୋ ମୁଣ୍ଡଟି ହେଲା ପରଫେକ୍ଟ । ଯାହା ମୁଣ୍ଡରେ ବାଳ ଅଛି ତା ମୁଣ୍ଡ ଡିଫେକ୍ଟିଭ୍ ।

ମୁଁ ଏକଥା ରାମବାବୁଙ୍କୁ କହୁଥିଲି । ହେଲେ ମୁଁ କଣ ଜାଣିଥିଲି ପଦ୍ମାବତୀ ପଛରୁ ମୋ କଥା ଶୁଣୁଛନ୍ତି । ପଦ୍ମାବତୀଙ୍କ ମୁଣ୍ଡରେ ଆଷାଢ଼ର କଳା ବାଦଲ ଭଳି କେଶ । ସେ ଏକଥା ଶୁଣିବା ପରେ ମୋତେ ଯାହା କହିଲେ ଏବଂ କଲେ – ତାହା ମୁଁ ଏଠି ବର୍ଣ୍ଣନା କରିବା ଉଚିତ ଭାବୁନି । ନିଜ ବେଇଜତି ନିଜ ମୁହଁରେ କହିବାକୁ କାହାକୁ ସୁଖ ଲାଗିବ। ଆପଣମାନେ ତାହା ଅନୁମାନ କରି ନିଅନ୍ତୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ତୁମେ

**ସାରଦା ପ୍ରସାଦ ଆଚାର୍ଯ୍ୟ**

ତୁମେ ମୋର କ'ଣ ଯେ ?
ଆଜି ଯାଏ ଭୁଲିନି ତୁମକୁ,
ଭୁଲି ପାରୁନି ବୋଲି ଧରିଛି ଦେହରେ,
ମନରେ କେଉଁ ଏକ ଅଜଣା କୋଣରେ।
ସିନ୍ଦୂର ବୋଳେ ମଥାରେ,
ଆଉଁସି ଆଣେ ଛାତିରେ,
ଧରିରଖେ ମନ ଚୈତନ୍ୟରେ।

ରଙ୍ଗମଞ୍ଚରେ ଯାତ୍ରା ହେଉକି !
ପ୍ରେମ ଆଲିଙ୍ଗନେ ମେଳି,
ସବୁ ଯାତ୍ରାରେ ଥାଅ ତୁମେ,
ତୋଳି ଆଣ ଖୁସି,
ତୁମ ପାଇଁ, ମୋ ପାଇଁ।

ଦେହରୁ ଦେହ ଯାତ୍ରାରେ
ତୁମେ ଅଛ, ମୁଁ ଅଛି ,
ନାହିଁ ଖାଲି ତୋର, ମୋର
ସବୁ ଶୁନ୍ୟ।



ନିଜର କହିଲେ
ତୁମେ, ତୁମେ ।

ଯୋଡ଼ା କେନ୍ଦୁଝର
ମୋ-୯୪୩୭୬୧୧୮୯୧

## ସବୁଠୁ ସୁରକ୍ଷିତ

**ବନଜା ବିଶ୍ୱାଳ**

ତିଳତିଳ କରି ଜଳୁଥିବା ବେଳେ,
ମନ ଖୋଜେ ବିକଳ୍ପର ସାହାରା ।

ଗୁମୁରି ଗୁମୁରି କାନ୍ଦୁଥିବାବେଳେ,
ନିର୍ମଳ ମନର ସାଥିଟିଏ ହୁଏ ଲୋଡା ।

ମନ ଆଉ ବିବେକର ତୁମୁଳ ଯୁଦ୍ଧ ପରେ,
ଜୀବନ ପୁଣି କହୁଥାଏ ମୁଁ ଅଛି ପରା ।

କାହିଁକି ଏ ଜୀବନ ରହିଛି ଏମିତି,
କାହିଁ ଟିକେ ହେଲେ ଜୀବନ୍ତ ନାହିଁ ତ ?

ସବୁ ଏଠି ମିଛ ମାୟାର ଖେଳ,
କେତେ ଛଳନା ପୁଣି କେତେ ଜଟିଳ ।

ଏତେ ସବୁ ଯନ୍ତ୍ରଣାକୁ ଜାବୁଡି ଧରି,
ଜୀବନ କେମିତି କୁହେ ମୁଁ ଜୀବନ୍ତ ?

ପ୍ରତି ମୁହୂର୍ତ୍ତରେ ଦଗ୍ଧିଭୂତ ଜୀବନ୍ତ,
ନିଜ ଭିତରେ ଭାଙ୍ଗି ଯାଉଥିବା...

ମନ, ହୃଦୟର କ୍ଷତସବୁକୁ ଏକତ୍ରିତ କରି,
ହସିବାର ଅଭିନୟ କ'ଣ ଜୀବନ୍ତ ?



ସବୁର ଅବଶେଷ ଚିରନ୍ତନ ସତ୍ୟ,
ସବୁଠୁ ସୁରକ୍ଷିତ ମୃତ୍ୟୁର ଶୀତଳ ସ୍ପର୍ଶ ।

ଜୀବନ ଲୀଳାର ଶେଷ ବିନ୍ଦୁ,
ସବୁଠୁ ସୁରକ୍ଷିତ ସ୍ଥାନ, ସୁନ୍ଦର ମୃତ୍ୟୁ...!!!

---------------

ଭାଣପୁର, ଗୋପାଳପୁର
କଟକ-୭୫୩୦୧୧
ମୋ-୮୧୪୪୫୫୭୪୬୧

## ଅତଏବ ଶୀତ ଶତ୍ରୁ ନୁହେଁ

**ନୀଳମଣି ଚାନ୍ଦ**

କିଏ କହେ ଶୀତ, ଶତ୍ରୁ ପରି
ଲଢ଼ି ଜାଣେ, ତେଣୁ ଲଢ଼େଇ କରେ
ଆମର ସୁରକ୍ଷା ପାଇଁ
ଶୀତ ବସ୍ତ୍ରକୁ ଆମେ ଢାଲ କରୁ
ଖୁବ୍ କାକୁସ୍ଥ କୁହୁଡ଼ି ମାଳ
ଦିବସ ଡରି ଡରି ସାନ ହୁଏ
ଉତ୍ତରା ପବନ ଆହୁରି ଡରାଏ
ତା ଜାଡ଼ ଆମକୁ ଥରାଏ ।

ଥାଉ, ତମର ଏ ଚିନ୍ତା ଭାବନା
ଶୀତ କେତେ ଭଲ
ନ ଥିଲେ କେମିତି ପାଆନ୍ତେ
ସୋରିଷ ଫୁଲର କ୍ଷେତ
ହଳଦୀ ଗୁରୁଗୁରୁ ସୂର୍ଯ୍ୟମୁଖୀ
ନଳବଣରେ ବିଦେଶୀ ପକ୍ଷୀ
ବଡ଼ ରାତି, ଧାନଭର୍ତ୍ତି ଖଳା
ଏ ଶୀତ ବିନା ।

ଶୀତ ଶୀତ ପରି
ନ ଥାଉ ମଳୟର ଛୁଆଁ
ଅଛି ଧନୁମୁଆଁ
ନ ଥାଉ ଇନ୍ଦ୍ରଧନୁ
ଅଛି କାକରର ମୁକ୍ତା
ନ ଥାଉ କାଶତଣ୍ଡୀ
ଅଛି ଧରା ବିବିଧ କୁସୁମରେ ମଣ୍ଡି
ତେଣୁ ସେ ମନକୁ ଛୁଏଁ
ଅତଏବ ଶୀତ ଜମା ଶତ୍ରୁ ନୁହେଁ ।

ମନ୍ତମାନୋର, ଗୋଠ ପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

## ମୁଁ ପୁଣି ଆସିବି ଫେରି

**ରବି ରାଉତ**

ମନେରଖ, ମୁଁ ପୁଣି ଆସିବି ଫେରି
ଆଜି ନୁହେଁ, ହୁଏତ ଆସନ୍ତା କାଲି ।
ନଚେତ କେଉଁ ନାମହୀନ ତିଥିବାର
ନକ୍ଷତ୍ର, କାଳପୁଞ୍ଜ ସଂଯୋଗର ସନ୍ଧିକ୍ଷଣେ
ଅନାହୂତ, ଅବାଞ୍ଛିତ, ଅନଭିପ୍ରେତ ମୁହୁଁର୍ତ୍ତଙ୍କ
ନିସ୍ତବ୍ଧତା ଭେଦି, ଇତିହାସ ପୃଷ୍ଠା ଫାଡି
ମୁଁ ଆସିବି, ନିଶ୍ଚୟ ଆସିବି ଫେରି ।

ମୋ ଲେଉଟାଣି ପଥ ଚାହିଁ
କିଏ ଥାଉବାନଥାଉ
ଅବିଶ୍ରାନ୍ତ ପ୍ରତୀକ୍ଷାର ଦୀପ ଜାଳି
ବିନିଦ୍ର, ଶ୍ରାନ୍ତ, କ୍ଳାନ୍ତ ରଜନୀର ନିସ୍ତବ୍ଧତା ଭେଦି
ନିଦାଘର ହୁତାସନ, ଝା, ପ୍ରଭଜନ, ପ୍ରଳୟର
ଚକ୍ରବାଳଛୁଇଁ । ମୋତେଫେରିବାକୁହେବ।
ବହୁକାମ ଅଛି ବାକି, ବହୁକଥା କହିବାର ଅଛି ।

ମୋ ଏନ୍ତୁଡିଶାଳମାଆର ପଣତକାନି, ଅବଧାନୀ ଛାଟ,
ବାପାଙ୍କ ଆକଟ, ଗାଁ ଦାଣ୍ଡ ଧୂଳିଖେଳ, ମିଛ ବାହାଘର,
ବରଯାତ୍ରୀ, ଭୋଜିଭାତ, ରୋଷଣୀ, ବାଇଦ
କଙ୍କିଧରା, ଜାମୁକୋଳି, ଆମ୍ବ ପିଜୁଳିଚୋରି ,
ନାକ କାନ୍ଦୁରି ବାଲ୍ୟବାନ୍ଧବୀର ହାତଧରି
ଧୂ ଧୂ ଦ୍ୱିପ୍ରହରେ ହଠାତ ପୁଣି ନିରୁଦ୍ଦିଷ୍ଟ ହେବା
କିଛି କ୍ଷଣ କିଛି ମୁହୁର୍ତ୍ତଙ୍କୁ ସାକ୍ଷି ରଖିଥିବା ।

ମୁଁ ପୁଣି ଆସିବି ଫେରି, ପ୍ରତିଜ୍ଞାର ଜଉମୁଦ ଭାଙ୍ଗି
ତମ ପ୍ରୀତିର ଚୌହଦି, ପ୍ରତାରଣାର କୁରୁକ୍ଷେତ୍ର
ଘୃଣାର ଦିଗ୍‌ବାରେଣୀ ଅତିକ୍ରମୀ,
ଅୟୁତ, ନିୟୁତ, ଅର୍ବୁଦ ଯୋଜନ ଦୂରତାର ସୀମା ଲଘିଂ।

ତମେ ଚାହଁବା ନ ଚାହଁ, ମନେରଖ
ଥୟଧର, ମୁଁ ଆସିବି ଆସିବି ଫେରି,
ଏଇତମ ଚିହ୍ନା ଦୁନିଆକୁ ,
ତମେ ପ୍ରେମସାଉଁଟ, କି ଜହରବାଣ୍ଟ ,
ଲାଞ୍ଛନା, ପ୍ରବଚଂନା, ତିରସ୍କାର କରକି
ଆକ୍ରୋଶ ରଖ, ଅଭିଶାପ ଦିଅ
ମୋର କିଛି ପରବାୟ ନାହିଁ ।

ଇତିହାସ ସାକ୍ଷୀ ଅଛି ମୁଁ ଆସିଛି ଫେରି ବାରମ୍ବାର
ନଈତୁଠ ଅଭିଆଡୀ ତରୁଣୀ କଣ୍ଠରେ ଡଙ୍ଗର ,
ଖୋଲର ଧାଙ୍ଗିଡିଙ୍କ ନୃତ୍ୟଛନ୍ଦରେ ହଳ ଲଙ୍ଗଳର
ଚାଷୀ, ସରହଦ୍‌ର ଅତନ୍ଦ୍ର ପ୍ରହରୀ , ନିସଙ୍ଗ
ପଥିକ, ମଧୁଶାଳାର ବେପଥୁ ପ୍ରେମିକର ବିକ୍ଷିପ୍ତ
ପଦପାତରେ, ଲୁହରେ, କୋହରେ, ହସରେ
ଓ ଆଶ୍ୱାସନାରେ।

କବିତାର କ'ଣ ସମାପ୍ତି ଅଛି ନା କବି ମରିଛି କେଉଁ କାଳେ ?
ଅପେକ୍ଷା କର । ଧୈର୍ଯ୍ୟଧର ।
ତମକୁ ସଠିକ ଠିକଣାର ନକ୍ସା ଚିହ୍ନେଇବାକୁ
ମୁଁ ପୁଣି ଆସୁଛି ଫେରି,
ତମର ଏ ଜହର ପୃଥିବୀର କଳଙ୍କିତ ଜଠର ଗର୍ଭରୁ ।



ବାହାଳ, ବାଲେଶ୍ୱର-୭୫୬୦୬୦
ମୋ -୯୪୩୮୩୨୨୨୧୪

## ଆକାଂକ୍ଷିତ ପ୍ରତୀକ୍ଷାର ଅନ୍ତରାଳେ

**ଶ୍ରୀମତୀ ସରସ୍ୱତୀ ଦାଶ**

ପ୍ରଭୁ ମୋର ଅନ୍ତରଙ୍ଗ ତୁମେ
ମୋ ମନର ସୁଖ ଦୁଃଖ
ସବୁ ତୁମ ଭାବନାରେ
ହଜି ଯାଏ ଭୁଲି ଯାଏ ସବୁ କିଛି
ମଜ୍ଜି ଯାଏ ତୁମ କଳ୍ପନାରେ ।।୧।।

ଯେବେ ଠାରୁ ତୁମରି ରଙ୍ଗରେ
ରଙ୍ଗାୟିତ ହୋଇଛି ଏ ପ୍ରାଣ
ତୁମେ ପ୍ରଭୁ ଭୁଲାଇଛ ସବୁ
ତୁମ ଭାବନାରେ ସମର୍ପିତ ଏ ମନ ।।୨।।

ଦୂରରେ ରହି ମୁଁ ଖୋଜିଛି ତୁମକୁ
ଅଯୋଧ୍ୟାର ସ୍ୱପ୍ନ ରଚିଛି ମନେ
କେବେ ଯିବି କେବେ ମୁଁ ଦେଖିବି
ସେ ରୂପ ମାଧୁରୀ ପାପନୟନେ ।।୩।।

ଆସିଲା ସେ ମଧୁ ଲଗନ ହେ ପ୍ରଭୁ
ତୁମ ପାଶେ ନେଲ ଟାଣି
ତୁମ କୃପା ବିନା ସମ୍ଭବ କି କିଛି
ଏ ଆତ୍ମା ନପାରେ ଜାଣି ।।୪।।

ଅଯୋଧ୍ୟା ମାଟିରେ ପାଦଦେଲି ଯେବେ ସମ୍ମୁଖେ ଉଭାହେଲ
ରଖିଲି ଅନ୍ତରେ ସାଇତି ତୁମକୁ
ତୁମ ଭାବେ ହେଲି ଭୋଳ ।।୫।।

ଗଣ୍ଡମୁଣ୍ଡା
ମୋ-୯୧୭୮୬୯୨୮୩୮

## ଆ ପ୍ରାନଭିକା ଖେଳିବା ଖେଳ

**ଶ୍ରୀମତୀ ସୁରମା ମିଶ୍ର**

ଆ ପ୍ରାନଭିକା ଖେଳିବା ଖେଳ
ସାଙ୍ଗସାଥି ମେଳେ ନକରି ଗୋଳ
ବେଳ ଥାଉଥାଉ ଖେଳ ସାରିବା
ଘରକୁ ସଅଳ ଫେରି ଆସିବା ॥

ଗଛରୁ ପତର ତୋଳି ଆଣିଣ
ଭାଜିଦବୁ ଟିକେ ପକାଇ ଲୁଣ
ସାଙ୍ଗସାଥି ମାନେ ଆସିଗଲେଣି
ବାଢ଼ିଦେଲେ କେତେ ଡେରି ହେଲାଣି॥

ଜେଜେବାପା ଦାଣ୍ଡ ଦୁଆରେ ବସି
ତତେ ଦେଖି ଟିକେ ଦେବେଲୋ ହସି
ଜେଜେମାଆ ସରୁ ଚକୁଳି କରି
ଖୁଆଇବେ ତତେ କୋଳରେ ଧରି ।।

ଚାହୁଁଚାହୁଁ ସଞ୍ଜ ଆସିବ ମାଡ଼ି
ସାଙ୍ଗମାନେ ସବୁ ଯିବେଲୋ ଛାଡ଼ି
ବାଧ ହୋଇ ତୁହି ଘରକୁ ଯିବୁ
ଗୋଡ଼ହାତ ଧୋଇ ପାଠ ପଢ଼ିବୁ ॥

କାକା ସଙ୍ଗେ ଯିବୁ ବଜାର ବୁଲି
କିଣିବୁ ଖେଳନା ଭଳିକି ଭଳି
ମିଛି ମିଛିକିଆ ଭାତ ତିଅଣ
ରାନ୍ଧିବୁ ଲୋ ସଢେଇରେ ରଖିଣ ॥

ନନା ଖୁସି ହୋଇ କହିବେ ଧନ
ପାଠରେ ସଦା ତୁ ଦେବୁଲୋ ମନ
ବୋଉ କହିବେ ମୋ ସୁନା ସଙ୍ଖାଳି
ତୁହି ପରା ମୋର ଫୁଟନ୍ତା କଳି ।।

ତୋ ବାସେ ମହକି ଯାଏଲୋ ଘର
ଖୁସିରେ ହୁଅନ୍ତି ସବୁ ବିଭୋର
କହନ୍ତି ହେବୁତୁ ଜଗତ ଜିତା
ଚାଲିବୁଲୋ ଉଚ୍ଚ କରି ତୋ ମଥା ॥



ବି ଏଲ ୩୯ ଭି ଏସ ଏସ ନଗର
ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

## ମନ ଆଇନା

**ପ୍ରଣୀତା ମିଶ୍ର**

ଆଇନାରେ ଦେଖୁଥିଲି ପ୍ରତିଛବି
କେତେ ଯେ ଗଲାଣି ବଦଳି
ଲାଗୁଥିଲା ଅଚିହ୍ନା ଅଚିହ୍ନା
ଉଙ୍କି ମାରୁଥିଲା ପୁରୁଣା ଚିହ୍ନ
ବିତିଗଲାଣି କେତେ ଯେ ଫଗୁଣ।

ସ୍ମୃତିରେ ଆସେ କେତେ ମୁହଁ
ଆଖିରେ ଭରା ଲୁହ
ଅସ୍ୱଚ୍ଛ ଅସ୍ପଷ୍ଟ ସେ ଛବି
ଦେଲା କେ ମିଛେ ଆଉଁସି
ଖୋଜୁଥିଲି ଲୋତକ ଧାରରେ
ଅଳପ ଅଳପ ଖୁସି ।

କେଉଁ ଦର୍ପଣରେ ଖୋଜିବି ସେ
ଅଭୁଲା କାହାଣୀ
ବାଲ୍ୟଖେଳ ଚପଳତା
କୈଶୋରର ବୋହୂ ବୋହୂ ରାଣୀ
ଆଞ୍ଜୁଳେ ଚାଉଳ ତଳେ
କେତେ ଯେ ସପନ
ଦେଖାଉଥିଲା ଆଇନା
ରହିଣ ମଉନ ।

ସ୍ୱପ୍ନ ଯେବେ ପରାହତ
ଜୀବନର ଗୋଧୂଳି ଲଗ୍ନରେ
ଖୋଜିବୁଲେ ଅହରହ
କାହିଁଗଲା ସେହି ଛବି
ଭରିଦେଇଥିଲା ଆଶା ମନେ
ଆଙ୍କିଦେଇ ନବରବି ।

ଜୀବନର ଧ୍ରୁବସତ୍ୟ
ଫୁଟି ଉଠେ ସାମନାରେ
ସତେ ଅବା ଦିଏଟି ବତାଇ
ଆଇନା ତ ସତ କହେ
କେବେହେଲେ ପ୍ରତାରିତ କରେ ନାହିଁ ।



ଭୁବନେଶ୍ୱର

## ଚାକିରି ବୟସ ସୀମା ବୟାଳିଶି

**ସିଦ୍ଧାର୍ଥ ମିଶ୍ର**



ରାଜ୍ୟ ସରକାର ଚାକିରିର ସର୍ବାଧିକ ବୟସ ସୀମାକୁ ୪୨ କରିଦେଲେ । ଆଗରୁ ଏହା ୩୨ ଥିଲା। ତା' ଆଗରୁ ଏହା ୨୪/୨୫ ବି ଥିଲା। ଓଃ !!! କି ଖୁସି !!!! ବୟସ ଗଡିଗଲା, ହେଲେ ସରକାରୀ ଚାକିରିଟେ ପାଇ ପାରିଲାନି ବୋଲି ଘରେ ଆଉ କେହି ଖୁଣ୍ଟା ଦେବେନି। ଆରାମରେ ସେଇ ସମାନ ପ୍ରତିଯୋଗିତା ମୂଳକ ପ୍ରଶ୍ନୋତ୍ତରୀକୁ ଆଉ ଦଶବର୍ଷ ଘୋଷି ରଗଡିବାର ସୁବର୍ଣ୍ଣ ସୁଯୋଗ ମିଳିଗଲା । ତମ ପିଲା କ'ଣ କରୁଛି ବୋଲି ଏଣିକି ସାଇପଡ଼ିଶାରେ କେହି ପଚାରିଲେ କହିହେବ ଆମ ପିଲା ସରକାରୀ ଚାକିରିପାଇଁ ପ୍ରସ୍ତୁତ ହଉଚି। ଯା ଆଗରୁ ଗୋଟେ ଚାକିରି ପାଇଁ ସର୍ବାଧିକ ଛଅ ଥର ଆବେଦନ କରିହେଉ ଥିଲା । ୪୨ ପରେ ଏବେ ବୋଧେ ତାହା ୧୦ ହେଇଯିବ ନା କ'ଣ।

ସମସ୍ୟା ହେଉଛି ଯୋଉ ପିଲା ୧୬/୧୭ ବୟସରେ ହାଇସ୍କୁଲ ଆଉ ୨୦/୨୧ ରେ ଗ୍ରାଜୁଏସନ ପାସ୍ କରୁଥିଲା, ତାକୁ ଚାଳିଶି ହେଲା ବେଳକୁ ସେ ପଢିଥିବା ପାଠ ସବୁ ଚୁଲିପାଉଁଶ ହେଇସାରିଥିବ । ଏଣେ ଯୋଉଁମାନେ ସଜ ସଜ ପଢ଼ିଥିବେ ତାଙ୍କ ସହ ଏ ଚାଳିଶିଆ ଦଳଙ୍କୁ ଟକ୍କର ଦେବା ମଧ୍ୟ କଠିନ। ତେଣୁ ସରକାରଙ୍କୁ ଅନୁରୋଧ ଚାକିରିର ସର୍ବାଧିକ ବୟସ ସୀମା ୪୨କୁ ବଢ଼ାଇବାପରି ଖଡ଼ି ଛୁଇଁ ଶିଶୁ ଶ୍ରେଣୀରେ ପ୍ରବେଶ କରିବାର ସର୍ବାଧିକ ବୟସକୁ ମଧ୍ୟ ବଢ଼େଇ ୧୮/୧୯ କରିଦେଲେ ଭଲ ହୁଅନ୍ତା । ଯୁବକ ଯୁବତୀ ମାନଙ୍କୁ ପ୍ରଥମ ଶ୍ରେଣୀରେ ପଢୁଥିବାର ଦେଖି ଗୁରୁ/ଗୁରୁମା ମାନେ ବିଦ୍ୟାଦାନ ପାଇଁ ଅଧିକ ଯତ୍ନବାନ ଓ ଆକୃଷ୍ଟ ହୁଅନ୍ତେ। ଏଣିକି ଜଣେ ୩୫ରେ ମାଟ୍ରିକ ଆଉ ୪୦ରେ ସ୍ନାତକ ହେଇପାରିବ । ପରିପକ୍ୱ ବୟସରେ ଚନ୍ଦା ହେଇ ନିଶ ଦାଢ଼ି ବାଳ ପାଚିଗଲା ବେଳକୁ ପାଠ ବୁଝିବାରେ ସମସ୍ୟା ବି ରହିବନି । ଯୌବନର ଅପରାହ୍ନରେ ଚାକିରିର ଆରମ୍ଭ ପରେ କିଏ କିଏ ହୁଏତ ବିବାହ ଯୋଜନାରେ ଲାଗିଯିବେ, ଯଦିଓ ପରିପକ୍ୱ ବୟସରେ ପିତାମାତା ହେଇ ପାରିବାର ସମ୍ଭାବନା କ୍ଷୀଣ। ଏବେ ବିକଶିତ ଭାରତର ସ୍ୱପ୍ନରେ ମଗ୍ନ ଓଡ଼ିଆ ଯୁବ ଗୋଷ୍ଠୀ, ଆୟୁଷର ଅର୍ଦ୍ଧେକ ଅତିକ୍ରାନ୍ତ ହେଲା ପରେ, ଶଯ୍ୟା ତ୍ୟାଗ କରି ଜୀବନ ସଂଗ୍ରାମ ଲାଗି ଏଣିକି ପାଗ ବାନ୍ଧିବ । ଠିକ ଯେମିତି ୫୭ ବୟସରେ ଦେଶର ଏକ ପ୍ରମୁଖ ଜାତୀୟ ଦଳର ଜଣେ ତଥାକଥିତ ଅବିବାହିତ ନେତା ନିଜକୁ ଯୁବନେତା ଭାବୁଛନ୍ତି । ପ୍ରଧାନମନ୍ତ୍ରୀ ହେବାର ଆଶା ମଧ୍ୟ ରଖିଛନ୍ତି। ସରକାର ବୟସ ସୀମା ତ ବଢ଼େଇଦେଲେ, ହେଲେ ସରକାରୀ ଚାକିରିରେ ସଂଖ୍ୟା ବଢ଼ିଛି କି ନା ଜାଣିହେଉନି। କେବଳ ଆବେଦନକାରୀ ବଢିବେ ସିନା। ସରକାରୀ ଚାକିରିରେ ରିକ୍ତ ସ୍ଥାନର ସଂଖ୍ୟା ଯାହାବି ବଢନ୍ତା ଅନେକଙ୍କୁ ଏବେ ୬୦ବର୍ଷ ପରେ ମଧ୍ୟ ପୁନଃ ନିଯୁକ୍ତି ଦିଆ ଯାଉଛି। ପରିସଂଖ୍ୟାନ କହେ ସମୁଦାୟ କର୍ମନିଯୁକ୍ତିର ମାତ୍ର ୪% ହେଉଛି ସରକାରୀ। ବାକିସବୁ ବେସରକାରୀ ବା ଅସ୍ଥାୟୀ । ହତାଶ ହୋଇ ଅନେକ କ୍ଷେତ୍ରରେ ଠିକାରେ ସ୍ୱଳ୍ପ ମଜୁରୀରେ ଲୋକେ ଭାଗ୍ୟକୁ ଆଦରୁଛନ୍ତି । ଭାବି ହେଉନି ଆଗକୁ ଯେ କି ପରିସ୍ଥିତି ହେବ। ମନ୍ତବ୍ୟ ଯଦିଓ ଲଘୁ , ପାଠକେ ବିଚାର କରିବେ।।

ଆର୍ଯ୍ୟପଲ୍ଲୀ, କୀଟ ରୋଡ଼,
ପଟିଆ
ଫୋନ ୭୮୫୫୮୮୫୦୮୨

# ଆଜି ହେବ ଟି-୨୦ ବିଶ୍ୱକପ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା



**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ଫେବୃୟାରୀରୁ ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ। ଏନେଇ ଟିମ୍ ଇଣ୍ଡିଆର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଡିସେମ୍ବର ୨୦ରେ ଦଳ ଘୋଷଣା ଘୋଷଣା ହେବା ନେଇ ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଉଭୟ ଟି-୨୦ ବିଶ୍ୱକପ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଦଳ ଘୋଷଣା ହେବ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ଉପସ୍ଥିତିରେ ଦଳ ଘୋଷଣା କରାଯିବ। ଫେବୃୟାରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଏବଂ ଶ୍ରୀଲଙ୍କାରେ ବିଶ୍ୱକପ ଆୟୋଜିତ ହେବ। ନ୍ୟୁଜିଲାଣ୍ଡ ଟିମ୍ ଆସନ୍ତା ବର୍ଷ ଜାନୁୟାରୀରେ ଭାରତ ଗସ୍ତରେ ଦିନିକିଆ ଏବଂ ଟି-୨୦ ସିରିଜ ଖେଳିବ। ଏଥିରେ ୩ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ୍ ରହିଛି। ବିଶ୍ୱକପ ପୂର୍ବରୁ ଭାରତ ପାଇଁ ଏହା ଅଭ୍ୟାସ ମ୍ୟାଚ ସଦୃଶ ହେବ ବୋଲି ଆଶା କରାଯାଉଛି।

ଭଦୋଦରା (ଜାନୁୟାରୀ ୧୧), ରାଜକୋଟ (ଜାନୁୟାରୀ ୧୪) ଓ ଇନ୍ଦୋର (ଜାନୁୟାରୀ ୧୮)ରେ ଦିନିକିଆ ମ୍ୟାଚ୍ ଖେଳାଯିବ। ସେହିପରି ଜାନୁୟାରୀ ୨୧ରୁ ନାଗପୁରରେ ଟି୨୦ ସିରିଜ ଆରମ୍ଭ ହେବ। ବାକି ୪ଟି ମ୍ୟାଚ ଯଥାକ୍ରମେ ରାୟପୁର (୨୩), ଗୌହାଟୀ (୨୫), ଭାଇଜାଗ (୨୮) ଓ ଥିରୁଭନ୍ତପୁରମରେ ୩୧ ତାରିଖରେ ମ୍ୟାଚ ଖେଳାଯିବ।

# ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ପରାସ୍ତ କରି ଟି୨୦ ସିରିଜ୍ ଜିତିଲା ଭାରତ



**ଅହମଦାବାଦ**

ଦିନିକିଆ ପରେ ଟି-୨୦ ସିରିଜ୍ ଜିତିଲା ଭାରତ। ଦକ୍ଷିଣ ଆଫ୍ରିକା ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଆଜି ଗୁଜରାଟ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇ ଥିଲା। ଶୁକ୍ରବାରର ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ପରାସ୍ତ କରି ସିରିଜ୍ ୩-୧ରେ କବ୍‌ଜା କରି ନେଇଛି।

ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟ୍ ହରାଇ ୨୩୧ ରନ୍ କରିଥିଲା। ୨୩୨ ରନ୍ ଟାର୍ଗେଟ୍‌କୁ ପିଛା କରି ଦକ୍ଷିଣ ଆଫ୍ରିକା ୮ ୱିକେଟ ହରାଇ ୨୦୧ ରନ୍ କରିପାରିଛି। ଦଳ ପକ୍ଷରୁ କ୍ୱିଣ୍ଟନ ଡି କକ ସର୍ବାଧିକ ୬୩ ରନ୍ କରିଥିବା ବେଳେ ଡିୱାଲ୍ଡ ବ୍ରେଭିସ ୩୧ ରନ୍, ଡେଭିଡ ମିଲର ୧୮ ଓ ଜର୍ଜ ଲିଣ୍ଡେ ୧୬ ରନ୍ କରିଥିଲେ।

ଭାରତର ବିଶାଳ ସ୍କୋରକୁ ପିଛା କରୁଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲା। ୬ ଓଭରରେ ଦଳ ୬୯ ରନ୍ କରି ନେଇଥିଲା। ହେଲେ ସପ୍ତମ ଓଭର ତୃତୀୟ ବଲରେ ଦକ୍ଷିଣ ଆଫ୍ରିକା ଓପନର ରିଜା ହେଣ୍ଡ୍ରିକ୍ସକୁ ବରୁଣ ଚକ୍ରବର୍ତ୍ତୀ କ୍ୟାଚ୍ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାପରେ କ୍ୱିଣ୍ଟନ ଡି କକ୍ ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗକୁ ନେଇଥିଲେ। ତେବେ ୧୦.୨ ଓଭର ଖେଳ ବେଳକୁ ବୁମ୍ରା ଡି କକଙ୍କୁ କ୍ୟାଚ୍ ଆଉଟ୍ କରି ଦ୍ୱିତୀୟ ସଫଳତା ଦେଇଥିଲେ। ଏହାପରେ ଗୋଟିଏ-ଦୁଇ ଓଭର ବ୍ୟବଧାନରେ ଦକ୍ଷିଣ ଆଫ୍ରିକାର ୱିକେଟ ପତନ ଧାରା ଜାରି ରହିଥିଲା।

ତଥାପି ଦକ୍ଷିଣ ଆଫ୍ରିକାର ବ୍ୟାଟରମାନେ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିଲେ। ଲାଗୁଥିଲା ଦଳ କେତେବେଳେ ବି ମ୍ୟାଚ୍ ଜିତିଯାଇପାରେ। ହେଲେ ବରୁଣ ଚକ୍ରବର୍ତ୍ତୀଙ୍କର ସ୍ପିନ ଯାଦୁ ବଲରେ ଆଡେନ ମାର୍କରମ, ଡିନୋଭନ ପରେରା, ଜର୍ଜ ଲିଣ୍ଡେଙ୍କ ଭଳି ବ୍ୟାଟର ଆଉଟ ହୋଇଯାଇଥିଲେ। ପାଣ୍ଡ୍ୟା ମଧ୍ୟ ଡିୱାଲ୍ଡ ବ୍ରେଭିସ୍‌କୁ ଆଉଟ୍ କରି ବିପକ୍ଷ ଟିମ୍‌ର ବ୍ୟାଟିଂ ଲାଇନ ଭାଙ୍ଗି ଦେଇଥିଲେ। କ୍ୱିଣ୍ଟନ ଡି କକ୍, ଓମାର୍କୋ ୟାନସେନ୍‌ଙ୍କ ଭଳି ହିଟରଙ୍କୁ ଆଉଟ୍ କରି ବୁମ୍ରା ଭାରତର ବିଜୟ ପକ୍କା କରାଇଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୧ ରନ୍ ହିଁ କରିପାରିଥିଲା।

ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୪ ଟି ୱିକେଟ ନେଇଥିବା ବେଳେ ବୁମ୍ରା ୨ଟି, ପାଣ୍ଡ୍ୟା ଓ ଅର୍ଶଦୀପ ସିଂହ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

# ବାବା ୧୧ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜିଓ୍ୱାଇଏସସିଟି ଖୁଣ୍ଟପାଲି ଚାମ୍ପିଅନ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୁବାଖୋଲ ଗ୍ରାମରେ ବାବା ୧୧ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପଞ୍ଚ ଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳପଡ଼ିଆରେ ୧୫ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବରେ ସମାଜସେବୀ ସୁଶାନ୍ତ ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସୁଦାମ ଜ୍ୟୋତିଷ, ଦଶରଥ ସାହୁ, ହଳଧର ଷାଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୨୦ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଜୁବାଖୋଲ ଓ ଖୁଣ୍ଟପାଲି ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ଜୁବାଖୋଲ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୬୫ ରନ୍ କରିଥିଲା ଜବାବରେ ଖୁଣ୍ଟପାଲି କ୍ରିକେଟ କ୍ଲବ ୫ ଓଭର ୫ ବଲରେ ବିନା ୱିକେଟରେ ୬୮ ରନ୍ କରିବାରେ ସକ୍ଷମ ହୋଇଥିଲା। ଏହି ମ୍ୟାଚ୍ ଖୁଣ୍ଟପାଲି ଅତି ସହଜରେ ଜିତି ଚାମ୍ପିଅନ ହୋଇଥିବା ବେଳେ ପରିଶେଷରେ ବିଜେତା ଦଳ କୁ ଟ୍ରଫି ସହ ୧୨ ହଜାର ଟଙ୍କା ରନର୍ସଅପ୍ ଦଳ ପାଇଁ ଟ୍ରଫି ସହ ୮ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୁନ୍ଦର ମଣି ହାତୀ ଓ ଉଦ୍ଧବ ବାଗ, ରାଜୁ ସାହୁ ଓ ପୂର୍ଣ୍ଣ ଚନ୍ଦ୍ର ହାତୀ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ପପୁ ସାହୁ ସ୍କୋରର, ଦାମୋଦର ବଢେଇ ଓ ତ୍ରିବିକ୍ରମ ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ବାବା ବୁଢ଼ା ୧୧ ଷ୍ଟାର କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟ ଓ ଜୁବାଖୋଲ ଗ୍ରାମ ବାସୀଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟଟି ସଫଳ ହୋଇଥିଲା।

## ଅଣ୍ଡର-୧୯ ଏସିଆ କପ୍ ୨୦୨୫

# ଫାଇନାଲରେ ଭାରତ : ପାକିସ୍ତାନ ସହ ହେବ ମୁକାବିଲା




**ଦୁବାଇ**

ଦୁବାଇରେ ଚାଲିଥିବା ଅଣ୍ଡର-୧୯ ଏସିଆ କପ୍ ୨୦୨୫ରେ ଭାରତୀୟ ଦଳ ଫାଇନାଲ୍‌ରେ ସ୍ଥାନ ପାଇଛି। ଆୟୁଷ ମାହାତ୍ରେଙ୍କ ଅଧିନାୟକତ୍ୱରେ ଥିବା ଭାରତୀୟ ଦଳ ସେମିଫାଇନାଲରେ ଶ୍ରୀଲଙ୍କାକୁ ୮ ଉଇକେଟ୍‌ରେ ହରାଇ ଟାଇଟଲ୍ ମୁକାବିଲାରେ ପ୍ରବେଶ କରିଛି ଏବଂ ଫାଇନାଲ୍‌ରେ ପାକିସ୍ତାନକୁ ଭେଟିବ ଭାରତ। ଅପରପକ୍ଷେ ପାକିସ୍ତାନ ଅନ୍ୟ ଏକ ସେମିଫାଇନାଲ୍‌ରେ ବାଂଲାଦେଶକୁ ହରାଇ ଫାଇନାଲରେ ସ୍ଥାନ ପାଇଛି।

ବର୍ଷା କାରଣରୁ ଉଭୟ ସେମିଫାଇନାଲ ସମୟରେ ଆରମ୍ଭ ହୋଇପାରି ନ ଥିଲା। ଏହାଫଳରେ ୫୦-୫୦ ଓଭରର ମ୍ୟାଚ୍‌କୁ ସଂକ୍ଷିପ୍ତ କରାଯାଇଥିଲା। ଭାରତ ଓ ଶ୍ରୀଲଙ୍କାର ମୁକାବିଲା ଟି୨୦ ଫର୍ମାଟ୍‌ରେ ପରିଣତ ହୋଇଥିଲା, ଯେଉଁଥିରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୩୮ ରନ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଭିମତ ଦିନସରା ୩୨ ରନ ଏବଂ ଚାମିକା ହୀନାତିଗାଲା ୪୨ ରନ କରିଥିଲେ। ଅନ୍ୟପକ୍ଷରେ, ଲୋୟର ଅର୍ଡରରେ ସେତମିକା ସେନାଭିରତ୍ନେ ଦ୍ରୁତ ୩୦ ରନ କରି ଦଳକୁ ୧୩୮ ରନ ପର୍ଯ୍ୟନ୍ତ ପହଞ୍ଚାଇଥିଲେ। ଭାରତ ପାଇଁ ସ୍ପିନର କନିଷ୍କ ଚୌହାନ ଏବଂ ପେସର ହେନିଲ ପଟେଲ ୨-୨ ଉଇକେଟ ନେଇଥିଲେ।

କିନ୍ତୁ ଟିମ୍ ଇଣ୍ଡିଆର ଜବାବୀ ଇନିଂସର ଆରମ୍ଭ ଭଲ ନ ଥିଲା ଏବଂ ଚତୁର୍ଥ ଓଭରରେ କେବଳ ୨୫ ରନ୍‌ରେ ଅଧିନାୟକ ଆୟୁଷ ମହାତ୍ରେ ଏବଂ ବୈଭବ ସୂର୍ଯ୍ୟବଂଶୀ ପ୍ୟାଭିଲିଅନ ଫେରିଥିଲେ। ଏହି ସମୟରେ ଶ୍ରୀଲଙ୍କା ପାଖରେ ଫେରିବାର ସୁଯୋଗ ଥିଲା କିନ୍ତୁ ଏଠାରୁ ବିହାନ ମଲ୍‌ହୋତ୍ରା ଏବଂ ଆରନ ଜର୍ଜ କ୍ରିଜ୍‌ରେ ଜମି ଯାଇଥିଲେ। ଉଭୟେ ମିଶି ୧୧୪ ରନ୍‌ର ଅଜେୟ ଭାଗୀଦାରୀ କରି ଦଳକୁ ୧୮ ଓଭରରେ ଲକ୍ଷ୍ୟ ପାଖରେ ପହଞ୍ଚାଇ ଫାଇନାଲ୍ ଟିକଟ ଦେଇଥିଲେ।

ଏବେ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ୨୧ ଡିସେମ୍ବରରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ। ଭାରତୀୟ ଦଳ ରେକର୍ଡ ଅଷ୍ଟମ ଥର ପାଇଁ ଏହି ଏସିଆ କପ୍‌ର ଫାଇନାଲ ଖେଳିବ। ଅନ୍ୟପକ୍ଷରେ, ପାକିସ୍ତାନକୁ ଚତୁର୍ଥ ଥର ପାଇଁ ଫାଇନାଲ୍‌ରେ ପ୍ରବେଶ କରିଛି। ଭାରତୀୟ ଦଳ ଟାଇଟଲର ଦାବିଦାର ଭାବେ ଏହି ଫାଇନାଲ୍‌ରେ ଓହ୍ଲାଇବ। କାରଣ ଟୁର୍ଣ୍ଣାମେଣ୍ଟରେ ସେ ଏପର୍ଯ୍ୟନ୍ତ ଗୋଟିଏ ମ୍ୟାଚ୍ ମଧ୍ୟ ହାରିନାହିଁ। ଏପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନର ଗ୍ରୁପ ଷ୍ଟେଜ୍‌ରେ ହୋଇଥିବା ଟକ୍କରରେ ମଧ୍ୟ ଟିମ୍ ଇଣ୍ଡିଆ ହିଁ ବାଜି ମାରିଛି।

# ଉତ୍ତମ ସାହାଙ୍କ ନାମରେ ୫୦ କୋଟିର ମାନହାନୀ ମାମଲା କଲେ ଦାଦା



**ନୂଆଦିଲ୍ଲୀ**

ଆର୍ଜେଣ୍ଟିନା ଫ୍ୟାନ କ୍ଲବ୍ ଅଫ୍ କୋଲକାତାର ସଭାପତି ଉତ୍ତମ ସାହାଙ୍କ ନାମରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ୫୦ କୋଟି ଟଙ୍କାର ମାନହାନି ମାମଲା କରିଛନ୍ତି। ଲିଓନେଲ ମେସିଙ୍କ କୋଲକାତା ଗସ୍ତ ସମୟରେ ସଲ୍ଟଲେକ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ତୀବ୍ର ବିଶୃଙ୍ଖଳା ଦେଖା ଦେଇଥିଲା। ମେସି ମାତ୍ର ୧୦ ମିନିଟ୍ ରହି ପଳାଇ ଯାଇଥିଲେ। ଦର୍ଶକ ତାଙ୍କୁ ଦେଖିବାକୁ ନପାଇ ଷ୍ଟାଡିୟମରେ ଭଙ୍ଗାରୁଜା କରିଥିଲେ। ଗାଙ୍ଗୁଲି ପ୍ରତ୍ୟକ୍ଷ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନରେ ସାମିଲ ରହିଥିଲେ ବୋଲି ଉତ୍ତମ ଗଣମାଧ୍ୟମକୁ କହିଥିଲେ। ଯାହାକୁ ନେଇ ଦାଦା ଘୋର ଅସନ୍ତୋଷ ପ୍ରକାଶ କରିବା ସହ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।

ସେ କହିଛନ୍ତି, 'ମୁଁ କେବଳ ଅତିଥି ହୋଇ ଷ୍ଟାଡିୟମ ଯାଇଥିଲି। ଉତ୍ତମ ଯେଉଁ ମନ୍ତବ୍ୟ ଦେଇଛନ୍ତି ସେଥିରେ ଆଦୌ ସତ୍ୟତା ନାହିଁ। ସେ ଏମିତି କହି ମୋର ମାନହାନି କରିଛନ୍ତି। ଇଭେଣ୍ଟ ଆୟୋଜନରେ ମୋର କୌଣସି ସଂପୃକ୍ତି ନଥିଲା।' ଷ୍ଟାଡିୟମରେ କାର୍ଯ୍ୟକ୍ରମ ଆୟୋଜନରେ ଅନିୟମିତତା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଏହି ମାମଲାରେ ଏକାଧିକ ବ୍ୟକ୍ତିଙ୍କୁ ଅଟକ ରଖି ପୁଲିସ ପଚରାଉଚୁରା କରୁଛି।

# ଜେ.ଡ଼ି. ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ କଦଳିପାଲି ଠାରେ ଅଧ୍ୟକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧ୍ୟକ୍ଷତା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ପରିଚାଳନାରେ ୩୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ହୋଇଥିବା ୧୦୦ମି. ଦୌଡ, ୨୦୦ମି. ଦୌଡ଼, ଲାଞ୍ଜି ଟଣା, ସାଇକେଲ୍ ସ୍ଲୋ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଜେଭଲିଙ୍ଗ ଥ୍ରୋ, ସର୍ଟପୁଟ ଥ୍ରୋ, ଡିସ୍‌କସ୍ ଥ୍ରୋ, ଫେନ୍ସି ଡ୍ରେସ୍ ଏବଂ ମ୍ୟୁଜିକାଲ୍ ଚେୟାର୍ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଣ୍ଡାର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବରେ ବରପାଲି ସାମ୍ବାଦିକ ସଂଘର ସଭାପତି ଚିତ୍ତରଞ୍ଜନ ସାହୁ ଯୋଗ ଦାନ କରି ସମସ୍ତ କୃତି ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିବା ସହ ମସାଲ୍ ଲିଭାଇ ବାର୍ଷିକ କ୍ରୀଡ଼ାର ଉଦଯାପନ କରିଥିଲେ। ପରିଶେଷରେ ଅଧ୍ୟାପକ ସୁରେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଭାବରେ ସୁଧାଂଶୁ କୁମାର ଦାସ, ସୁରେଶ ବାରିକ, ମିନତି ବାବୁ, ନିବେଦିତା ବେହେରା, ସୁନିଲ କୁମାର ବେହେରା, ରବିନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ପଣ୍ଡା, ସୁରେନ୍ଦ୍ର ଦୀପ, ନିରଜ ସାହୁ, ପ୍ରଦୀପ ମିଶ୍ର, ଆନନ୍ଦ ବେହେରା, କାଲୁ କୁମ୍ଭାର ଏବଂ ସମସ୍ତ ଛାତ୍ରୀମାନେ ଶେଷ ପର୍ଯ୍ୟନ୍ତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବିମାନ ଦୁର୍ଘଟଣାରେ ଚାଲିଗଲା ରେସିଂ ଖେଳାଳିଙ୍କ ଜୀବନ



**ନୂଆଦିଲ୍ଲୀ**

ରେସିଂ ଜଗତରୁ ଏକ ଦୁଃଖଦ ଖବର ଆସିଛି। ଉତ୍ତର କାରୋଲିନାର ଷ୍ଟେଟସଭିଲ ଆଞ୍ଚଳିକ ବିମାନବନ୍ଦର ନିକଟରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଅବସରପ୍ରାପ୍ତ ଏନଏଏସସିଏଆର ଡ୍ରାଇଭର ଗ୍ରେଗ ବିଫଲେ, ତାଙ୍କ ପତ୍ନୀ ଏବଂ ପିଲାମାନଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ସମଗ୍ର ରେସିଂ ଜଗତରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି।

ଅଧିକାରୀଙ୍କ ଅନୁଯାୟୀ, ସେସ୍ନା ସି୫୫୦ ବ୍ୟବସାୟିକ ଜେଟ ସକାଳ ପ୍ରାୟ ୧୦ଟାରେ ଷ୍ଟେଟସଭିଲ ବିମାନବନ୍ଦରରୁ ଫ୍ଲୋରିଡା ଅଭିମୁଖେ ଯାତ୍ରା କରିଥିଲା। କିନ୍ତୁ ଉଡ଼ାଣ ଭରିବାର କିଛି ସମୟ ପରେ, ପାଇଲଟ ଏକ ସମସ୍ୟା ଦେଖି ବିମାନକୁ ବିମାନବନ୍ଦରକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିମାନଟି ନିୟନ୍ତ୍ରଣ ହରାଇ ଭୂମିରେ ଖସି ପଡ଼ିଥିଲା। ଧକ୍କା ହେବା ପରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା, ଯେଉଁଥିରେ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।

ଚାରଲୋଟ ଠାରୁ ପ୍ରାୟ ୭୨ କିଲୋମିଟର ଉତ୍ତରରେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା। ଉତ୍ତର କାରୋଲିନା ଷ୍ଟେଟ ହାଇୱେ ପାଟ୍ରୋଲ ଅନୁଯାୟୀ, ବିମାନଟି ଦ୍ରୁତ ଗତିରେ ତଳକୁ ଖସି ଆସି ନିଆଁରେ ଜଳି ଉଠିଥିଲା। ସେହି ସମୟରେ ସେହି ଅଞ୍ଚଳରେ ହାଲୁକା ବର୍ଷା ହେଉଥିଲା। ବିମାନରେ ପଞ୍ଜୀକୃତ କମ୍ପାନୀ ଗ୍ରେଗ ବିଫଲ ସହିତ ଜଡ଼ିତ ବୋଲି ଜଣାପଡ଼ିଛି।

ଗ୍ରେଗ ବିଫଲେ ତାଙ୍କ ପତ୍ନୀ କ୍ରିଷ୍ଟିନା, ପାଞ୍ଚ ବର୍ଷର ପୁଅ ରାଇଡ଼ର ଏବଂ ୧୪ ବର୍ଷର ଝିଅ ଏମାଙ୍କ ସହିତ ବିମାନରେ ଥିଲେ। ନିକଟତମ ପରିବାର ବନ୍ଧୁ ଏବଂ ସେମାନଙ୍କ ପିଲାମାନେ ମଧ୍ୟ ବିମାନରେ ଥିଲେ। ପରିବାର ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଏହା ସେମାନଙ୍କ ଜୀବନର ସବୁଠାରୁ ବଡ଼ ଦୁଃଖଦ ଘଟଣା ଏବଂ ଏହି କ୍ଷତି କେବେ ପୂରଣ ହୋଇପାରିବ ନାହିଁ।

ଦୁର୍ଘଟଣା ସମୟରେ ନିକଟସ୍ଥ ଲେକଉଡ ଗଲ୍ଫ କ୍ଲବରେ ଉପସ୍ଥିତ ଥିବା ଲୋକମାନେ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଗଲ୍ଫ କୋର୍ସର ଏକ ଅଂଶରେ ଭଗ୍ନାବଶେଷ ବିଛାଡ଼ି ପଡ଼ିଥିଲା। ଦୁର୍ଘଟଣାଟି ବର୍ତ୍ତମାନ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ଏବଂ ଫେଡେରାଲ ଏଭିଏସନ ପ୍ରଶାସନ ଦ୍ୱାରା ତଦନ୍ତାଧୀନ ଅଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ନିର୍ଣ୍ଣୟ କରାଯିବ।

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JAJPUR**
**Letter No.3509/Date.17.12.2025**
**Bid Identification No. on line SEMIDJAJ-07/2025-26**
**eemijajpur@gmail.com**

**A-1149**

The Superintending Engineer, Minor Irrigation Division Jajpur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | Construction of Canal lining under M.I. Division Jajpur |
| No. of Works: | 02 (two) Only |
| Estimated Cost: | Varies from 83.91 to 84.72 lakh (Approximately) |
| Cost of Tender Paper: | 10000/- |
| Period of Completion: | 02 (two) Calendar months |
| Availability of bid documents for sale and receipt through on-line | From dt. 20.12.2025, 10.00 A.M, to dt.29.12.2025, up to 5.00 P.M. |
| Last date / time of receipt of bids in the portal | 29.12.2025 (5.00PM) |
| Date of opening technical bid through online | On dt.30.12.2025 at 11.00 A.M in the Office of the S.E, M.I. Division, Jajpur |
| Date of opening Financial bid through online | On dt.02.01.2026 at 11.00 A.M in the Office of the S.E, M.I. Division, Jajpur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| Date of lottery if required | 08.01.2026 (12.00 Noon) |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Jajpur. At-Bhabaniganj P.O/ District-Jajpur. Pin No.755001, Email ID:eemijajpur@gmail.com |
| Further details can be seen from the e-Procurement. http://tendersorissa.gov.in | |

Sd/- Superintending Engineer
M.I. Division, Jajpur
OIPR-32280/11/0023/2526

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଖୋର୍ଦ୍ଧା ରୋଡ୍‌ରେ ବାର୍ଷିକ କ୍ରୀଡ଼ା ଉତ୍ସବ




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ୍ ପକ୍ଷରୁ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଦିବସ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଶୃଙ୍ଖଳା ଏବଂ ଶାରୀରିକ ସୁସ୍ଥତାର ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ଅବସରରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ତଥା ବିଦ୍ୟାଳୟ ପରିଚାଳନା କମିଟିର ମନୋନୀତ ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, କ୍ରୀଡ଼ା ଜୀବନରେ ଚରିତ୍ର ଗଠନ, ଦଳଗତ କାର୍ଯ୍ୟ ଏବଂ ନେତୃତ୍ୱ ଗୁଣ ବିକାଶରେ ସହାୟକ ହୋଇଥାଏ। ଛାତ୍ରଛାତ୍ରୀମାନଙ୍କୁ ସମର୍ପଣ ଓ ସଚ୍ଚୋଟତାର ସହ ଉଭୟ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାକୁ ପ୍ରେରଣା ଦେଇଥିଲେ।

ଜଟଣୀ ଷଣ୍ଢପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡକ୍ଟର ଶ୍ରାବଣୀ କୁମାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏକ ସନ୍ତୁଳିତ ଜୀବନଶୈଳୀ ଗ୍ରହଣ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଜଟଣୀ ବଜାର ଶାଖାର ପ୍ରବନ୍ଧକ କ୍ଷିତିଜ ବୈଭବ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ତାଙ୍କର ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗରିମାମୟ କରିଥିବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲା।

କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ଦ୍ୱାରା ଆନୁଷ୍ଠାନିକ ମାର୍ଚ୍ଚପାଷ୍ଟ, ପତାକା ଉତ୍ତୋଳନ ଏବଂ ଶପଥ ଗ୍ରହଣ ସମାରୋହ ସହ ଆରମ୍ଭ ହୋଇଥିଲା। ଏହାପରେ ବିଭିନ୍ନ ବୟସ ଗୋଷ୍ଠୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟ, ଦଳଗତ ଖେଳ ଏବଂ ବିଭିନ୍ନ ମଜାଦାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ବିଦ୍ୟାଳୟର ଅଧ୍ୟକ୍ଷ ନୀରଜ ପିଙ୍ଗୁଆ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେ କହିଥିଲେ ଯେ, ବିଦ୍ୟାଳୟ ସର୍ବଦା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିବଦ୍ଧ। ଉତ୍ସବର ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ସଫଳ ଆୟୋଜନ ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

# ଇଡି, ସିବିଆଇ ଓ ବିଜେପି ବିରୋଧରେ କଂଗ୍ରେସର ବିକ୍ଷୋଭ

**ବାଲେଶ୍ୱର, ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ତଦନ୍ତକାରୀ ସଂସ୍ଥା ଇଡି, ସିବିଆଇ ଏବଂ ବିଜେପି ବିରୋଧରେ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ନେସନାଲ ହାରାଲ୍ଡ ପ୍ରସଙ୍ଗରେ ଇଡି ଦ୍ୱାରା ଆଗତ ମାମଲା ଭିତ୍ତିହୀନ ବୋଲି କୋର୍ଟ ରାୟ ଦେବା ପରେ କଂଗ୍ରେସର ସର୍ବମାନ୍ୟ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ କେବଳ ଦୋଷମୁକ୍ତ ହୋଇନାହାନ୍ତି, ବରଂ ସତ୍ୟର ବିଜୟ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ୍ ଶାହା ଯେ ଇଡି, ସିବିଆଇକୁ ବିଜେପିର ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି, ତାହା ଏବେ ପ୍ରମାଣିତ ହୋଇଛି ବୋଲି ବକ୍ତାମାନେ କହିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, କାଉନସିଲର ତଥା ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା, ବରିଷ୍ଠ ନେତା ଗୋପୀନାଥ ପାଢ଼ୀ, କୃଷ୍ଣ ଗୋପାଳ ପଣ୍ଡା, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, କହ୍ନେଇ ବେହେରା, ରାମ ଶତପଥୀ, ନିରଞ୍ଜନ ରାଉତ, ତରୁଣ ଦାସ, ତପନ ରାଉତ, ଆଶିଷ ପଟ୍ଟନାୟକ, ସତ୍ୟନାରାୟଣ ଗୁପ୍ତା, ସୁଧାଂଶୁ ଜେନା, ପ୍ରଭାସ ମଣ୍ଡଳ, ଗୌତମ ସାହୁ, ରାଜୀବ ପରିଡ଼ା, ହେମନ୍ତ ଗିରି, ଅଜଗର ଅଲ୍ଲୀ, ମହିଳା କଂଗ୍ରେସ ନେତ୍ରୀ ଜ୍ୟୋତ୍ସ୍ନା ସେନାପତି, ପ୍ରତିମା ପଣ୍ଡା, ଉର୍ମିଳା ମାଝୀ, ବାସନ୍ତୀ ନାୟକ, ସାହେବା ଅକତରଙ୍କ ସମେତ ବହୁ ନେତା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଗୌତମ ଗମ୍ଭୀରଙ୍କୁ ନେଇ ବଡ଼ କଥା କହିଲେ କିମ୍ବଦନ୍ତୀ କପିଳ ଦେବ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟଶୈଳୀର ସମାଲୋଚନା ମଧ୍ୟରେ, ଭାରତର ପ୍ରଥମ ବିଶ୍ୱକପ୍ ବିଜେତା ଅଧିନାୟକ କପିଳ ଦେବ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଜଣେ ମୁଖ୍ୟ ପ୍ରଶିକ୍ଷକଙ୍କ ଭୂମିକା ପ୍ରକୃତରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେବା ଅପେକ୍ଷା 'ପରିଚାଳନା' କରିବା ବିଷୟରେ ଅଧିକ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୦-୨ ଟେଷ୍ଟ ସିରିଜ୍ ପରାଜୟ ପରେ ଗମ୍ଭୀର ଭାରତର ମୁଖ୍ୟ ପ୍ରଶିକ୍ଷକ ଭାବରେ ସମାଲୋଚନାର ଶିକାର ହୋଇଛନ୍ତି ଏବଂ ଖେଳାଳିମାନଙ୍କୁ ଲଗାତାର ଅଦଳବଦଳ କରିବା ଏବଂ ଅସ୍ଥାୟୀ ଖେଳାଳିଙ୍କ ଉପରେ ନିର୍ଭର କରିବାର ତାଙ୍କର ରଣନୀତିକୁ ସମାଲୋଚନା କରାଯାଇଛି। କପିଳ କହିଛନ୍ତି ଯେ,କ୍ରିକେଟରେ 'ପ୍ରଶିକ୍ଷକ' ଶବ୍ଦକୁ ପ୍ରାୟତଃ ଭୁଲ ବୁଝାଯାଏ। ଆଜି 'ପ୍ରଶିକ୍ଷକ' ଶବ୍ଦଟି ଏକ ସାଧାରଣ ଶବ୍ଦ। ଗୌତମ ଗମ୍ଭୀର ଜଣେ ପ୍ରଶିକ୍ଷକ ହୋଇପାରିବେ ନାହିଁ। ସେ ଜଣେ ଦଳ ପରିଚାଳକ ହୋଇପାରିବେ। ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ଆଇସିସି ଶତବାର୍ଷିକୀ ଅଧିବେଶନରେ କପିଳ ଏହା କହିଛନ୍ତି। ଯାହା ସମସ୍ତଙ୍କୁ ଚାକିତ କରିଛି।

ସେ କହିଛନ୍ତି, 'ଯେତେବେଳେ ତୁମେ କୋଚ୍ କୁହ, କୋଚ୍ ହେଉଛି ଏପରି ଜଣେ ଯାହାଙ୍କଠାରୁ ମୁଁ ସ୍କୁଲ ଏବଂ କଲେଜରେ ଶିଖିଥିଲି। ସେମାନେ ମୋର କୋଚ୍ ଥିଲେ। ସେମାନେ ମୋତେ ପରିଚାଳନା କରିପାରିବେ। ତୁମେ କିପରି ପ୍ରଶିକ୍ଷକ ହୋଇପାରିବ? ଗୌତମ କିପରି ଜଣେ ଲେଗ୍ ସ୍ପିନର କିମ୍ବା ୱିକେଟକିପରଙ୍କ ପ୍ରଶିକ୍ଷକ ହୋଇପାରିବେ?' ମୁଁ ଭାବୁଛି ତୁମକୁ ପରିଚାଳନା କରିବାକୁ ପଡ଼ିବ। ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଜଣେ ମ୍ୟାନେଜର ଭାବରେ, ତୁମେ ସେମାନଙ୍କୁ ଉତ୍ସାହିତ କର ଯେ ତୁମେ ଏହା କରିପାରିବ କାରଣ ଯେତେବେଳେ ତୁମେ ଜଣେ ମ୍ୟାନେଜର ହୁଅ, ୟୁଥମାନେ ତୁମ ଉପରେ ବିଶ୍ୱାସ କରନ୍ତି। ଯଦି ସୁନୀଲ ଗାଭାସ୍କର ଏହି ଯୁଗରେ ଖେଳିଥାନ୍ତେ, ତେବେ ସେ ସର୍ବୋତ୍ତମ ଟି-ଟ୍ୱେଣ୍ଟି ବ୍ୟାଟ୍‌ସମ୍ୟାନ ହୋଇଥାନ୍ତେ।''କପିଳ ଆହୁରି କହିଛନ୍ତି କି, 'ମୁଁ କ୍ରିକେଟ ବିଷୟରେ ସବୁକିଛି ପସନ୍ଦ କରେ – ଟି୨୦, ଟି୧୦, ଏକଦିବସୀୟ, ସବୁକିଛି। ମୁଁ ସବୁବେଳେ ଆଉ ଗୋଟିଏ କଥା କୁହେ। ମୁଁ କହିଥିଲି ଯେ ଯଦି ସୁନୀଲ ଗାଭାସ୍କର ଏହି ଯୁଗରେ ଖେଳିଥାନ୍ତେ, ତେବେ ସେ ଟି୨୦ରେ ମଧ୍ୟ ସର୍ବୋତ୍ତମ ଖେଳାଳି ହୋଇଥାନ୍ତେ। ଯେଉଁମାନଙ୍କର ଏକ ଶକ୍ତିଶାଳୀ ପ୍ରତିରକ୍ଷା କ୍ଷମତା ଅଛି ସେମାନଙ୍କ ପାଇଁ ହିଟ୍ କରିବା ବହୁତ ସହଜ। ପ୍ରତିରକ୍ଷା କଷ୍ଟକର। ସେଥିପାଇଁ ମୁଁ ସବୁବେଳେ କହିଛି ଯେ ସେମାନଙ୍କ ମନେରଖ ଯେଉଁମାନଙ୍କର ଡିଫେଣ୍ଡି ଦକ୍ଷତା ଉଚ୍ଚକୋଟୀ। ସେ ସର୍ବଦା ଆକ୍ରମଣାତ୍ମକ ଭାବରେ ଖେଳିପାରିବ କାରଣ ତାଙ୍କ ପାଖରେ ସେହି ଅତିରିକ୍ତ ସମୟ ଅଛି।'



## ରାଜ୍ୟ ନିର୍ବାଚନ କମିଶନରଙ୍କ ଖୋର୍ଦ୍ଧା ଜିଲ୍ଲା ଗସ୍ତ

# ଆଗାମୀ ପୌରସଂସ୍ଥା ଓ ପଞ୍ଚାୟତ ନିର୍ବାଚନ କାର୍ଯ୍ୟ ସମୀକ୍ଷା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ନିର୍ବାଚନ କମିଶନର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ମୁଧୁସୂଦନ ପାଢ଼ୀ ଖୋର୍ଦ୍ଧା ଜିଲ୍ଲା ଗସ୍ତକରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଆଗାମୀ ଦିନରେ ହେବାକୁ ଯାଉଥିବା ସାଧାରଣ ପୌରସଂସ୍ଥା ଓ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରି ବିଭାଗୀୟ ଅଧିକାରୀ ଏବଂ ସମସ୍ତ ବିଡିଓ ତହସିଲଦାର, ପୌର ନିର୍ବାହୀ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ,



ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ତଥା ଭୋଟର ପଞ୍ଜିକରଣ ଅଧିକାରୀ, ଖୋର୍ଦ୍ଧା, କିଶୋର କୁମାର ପଣ୍ଡା, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ ଯୋଗ ଦେଇଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ, ଖୋର୍ଦ୍ଧା ଶ୍ୟାମଳେନ୍ଦୁ ନାୟକ ପୂର୍ବ ସାଧାରଣ ପୌର ଓ ପଞ୍ଚାୟତ ନିର୍ବାଚନ ୨୦୨୨ର ପରିଚାଳନା ତଥା ପ୍ରିସାଇଡିଂ ଓ ପୋଲିଂ ଅଧିକାରୀ ନିୟୋଜନ ଠାରୁ ଆରମ୍ଭ କରି ବୁଥ୍‌ରେ ସର୍ବନିମ୍ନ ସୁବିଧା ଉପଲବ୍ଧ ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ନିର୍ବାଚନ ସମୟରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବିଡିଓ ଏବଂ ନିର୍ବାହୀ ଅଧିକାରୀ ମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାରେ ଏକ ଗୋଟି ଲୋକସଭା ଆସନ ଅଧୀନ ଆଠ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ମୋଟ ୨୪୩୪ ଗୋଟି ମତଦାନ କେନ୍ଦ୍ର ମାଧ୍ୟମରେ ଆଗାମୀ ସାଧାରଣ ପୌର ପରିଷଦ ଓ ପଞ୍ଚାୟତ ନିର୍ବାଚନ ପରିଚାଳନା କରାଯିବା ସୂଚନା ମିଳିଛି। ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ।

## କୋରାପୁଟ ସହରରେ ସିରିଜ୍ ଦୁର୍ଘଟଣା

# ୮ ବାଇକ୍ ଓ ୩ ଭ୍ୟାନ୍ ଉପରେ ଚଢିଗଲା ଆଇଚର୍



**କୋରାପୁଟ, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ସହରରେ ସିରିଜ୍ ଦୁର୍ଘଟଣା। ଏକାଧିକ ଗାଡ଼ି ଉପରେ ଚଢିଗଲା ବ୍ରେକ୍ ଫେଲ୍ ଆଇଚର। ଶୁକ୍ରବାର ମଧ୍ୟାହ୍ନ ସମୟରେ କୋରାପୁଟ ମୁଖ୍ୟ ରାସ୍ତାରେ ଏହି ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଡ୍ରାଇଭର୍ ଆହତ ହୋଇଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସେହି ବାଟ ଦେଇ ଯିବାର ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦୁର୍ଘଟଣାସ୍ଥଳରୁ ଗାଡ଼ିଗୁଡ଼ିକୁ ହଟାଯାଇ ରାସ୍ତା ସ୍ୱାଭାବିକ କରାଯାଇଥିଲା।

ସୂଚନାନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ସମୟରେ କୋରାପୁଟ ମୁଖ୍ୟ ରାସ୍ତାରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏକ ଆଇଚର୍ ଗାଡ଼ି ବ୍ରେକ୍ ଫେଲ୍ ହେବାରୁ ଆରଟିଓ ଅଫିସ୍ ଗଡ଼ାଣିରେ ଏଚଡିଏଫସି ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆଦି ସାମ୍ନାରେ ରହିଥିବା ୮ଟି ବାଇକ୍, ୨ ସ୍କୁଟିକୁ ଚୁନା କରିବା ସହ ଗୋଟିଏ ବ୍ୟାଙ୍କ ଏଟିଏମ୍ ଟଙ୍କା ଜମା ଗାଡ଼ି ଓ ଗୋଟିଏ ଟାଟାଏସିକୁ ଧକ୍କା ଦେଇଥିଲା। ଖବର ପାଇ କୋରାପୁଟ ଏସଡିପିଓ ସଞ୍ଜୟ ମଣ୍ଡଳ ପହଞ୍ଚି ବ୍ୟାଙ୍କ ଗାଡ଼ିରୁ ଦେଢ଼ କୋଟି ଟଙ୍କା ସ୍ଥାନାନ୍ତର କରିଥିଲେ। ଘଟଣା ସ୍ଥଳରେ କୋରାପୁଟ ଆଇଏଏସ୍ ପ୍ରୋବେସନାରୀ ସନ୍ତୋଷ ପାତ୍ର, ଏଏସପି ଅଭିଷେକ ମହାପାତ୍ର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ୍, ତହସିଲଦାର ସୟିଦ ସବିର ସା, ପୁଲିସ ଓ ଫାୟାର ଟିମ୍ ସହ ପହଞ୍ଚି ଗାଡ଼ିଗୁଡ଼ିକ ହଟାଇଥିଲେ। ଏଥିରେ ମିନି ଟ୍ରକ୍‌ର ଡ୍ରାଇଭର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସେହି ବାଟ ଦେଇ ଯିବାର ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦୁର୍ଘଟଣା ସ୍ଥଳରୁ ଗାଡ଼ିଗୁଡିକୁ ହଟାଯାଇ ରାସ୍ତା ସ୍ୱାଭାବିକ କରାଯାଇଥିଲା।

# ଇମ୍ଫାରେ ଜରୁରୀକାଳୀନ ପରିସ୍ଥିତ ମୁକାବିଲା ମକ୍ ଡ୍ରିଲ୍




**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଇମ୍ଫା ଶିକ୍ଷ ଗୋଷ୍ଠୀ ଆନୁକୂଲ୍ୟରେ ଶିକ୍ଷାନୁଷ୍ଠାନରେ ଆପାତକାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏକ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷାନୁଷ୍ଠାନ ଭିତରେ ଦୈନନ୍ଦିନ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଯଦି କୌଣସି ଆପାତକାଳିନ ପରିସ୍ଥିତି ସୃଷ୍ଟି ହୁଏ ତେବେ ଏହାକୁ ସାମ୍ନା କରିବା ଓ ସଠିକ୍ ଭାବେ ପରିଚାଳନା କରିବା ଦିଗରେ ବିଭିନ୍ନ ବିଭାଗର ଦାୟିତ୍ୱ ଓ କାର୍ଯ୍ୟଶୈଳୀ ଉପରେ ଏହି ମକ୍ ଡ୍ରିଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା। ଇମ୍ଫା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକସ୍ଥିତ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଚୌଦ୍ୱାର ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ, ଏନଡିଆରଏଫ ଅଧିକାରୀ ରାଜୀବ ଲୋଚନ ଆଚାର୍ଯ୍ୟ, ଚୌଦ୍ୱାର ରାଜ୍ୟ ବୀମା ଚିକିତ୍ସାଳୟର ଡାକ୍ତର ବରୁଣ ଅଗ୍ରୱାଲ, ଇମ୍ଫାର ଉପସଭାପତି ବିନୟ ଅଗ୍ରୱାଲା, ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଉପୁଜୁଥିବା ବିଭିନ୍ନ ଆପାତକାଳୀନ ପରିସ୍ଥିତିର ମୁକାବିଲାର ଉପାୟ ସମ୍ପର୍କରେ ପରାମର୍ଶ ଦେବା ସହିତ ଏସମ୍ପର୍କିତ ଅଭ୍ୟାସ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆରତୀ ଷ୍ଟିଲ, କେକେଲକ୍ଷ୍ମୀ ସିମେଣ୍ଟ, ସତ୍ୟମ୍ କାଷ୍ଟିଂ, ଡାଲମିଆ ସିମେଣ୍ଟ ଆଦି ଶିକ୍ଷାନୁଷ୍ଠାନର ଆଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଇମ୍ଫାର ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ଭାଷା ଉତ୍ସବରେ ଓଡ଼ିଶାର ପ୍ରତିନିଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟବାଦୀ ବରେଣ୍ୟ ତାମିଲ କବି ସୁବ୍ରମଣ୍ୟ ଭାରତୀଙ୍କ ଜନ୍ମ ଶତବାର୍ଷିକ ଅବସରରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ଆନୁକୂଲ୍ୟରେ ନୂଆଦିଲ୍ଲୀ ବାଲ୍ ଭବନ ପରିସରରେ ୨୨ଟି ଭାଷାର ମଣ୍ଡପକୁ ନେଇ ଭାରତୀୟ ଭାଷା ଉତ୍ସବ ପାଳିତ ହୋଇଯାଇଛି। ଭାରତୀୟ ଭାଷା ପରିଷଦର ଅଧ୍ୟକ୍ଷ ଚମକୃଷ୍ଣ ଶାସ୍ତ୍ରୀ, ବିଦ୍ୟାଳୟ ଶିକ୍ଷା ସଚିବ ସଞ୍ଜୟ କୁମାର, ଏ ନସିଇଆରଟିର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି, ୟୁଜିସିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଜଗଦୀଶ କୁମାର, ଏନସିଇ ଆରଟିର ପଙ୍କଜ ଆରୋରାଙ୍କ ସହମତରେ ଶିକ୍ଷା ମନ୍ତ୍ରଣାଳୟର ବହୁ ବରିଷ୍ଠ ଅଧିକାରୀ ଏଥିରେ ଯୋଗ ଦେଇ ମଣ୍ଡପଗୁଡ଼ିକୁ ପରିଦର୍ଶନ କରିବା ସହ ମାତୃଭାଷାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରଫେସର ନିଧି ତିୱାରୀ ଏହାର ସଞ୍ଚାଳନ କରିଥିଲେ। ଓଡ଼ିଶାରୁ ଓଡ଼ିଶା ଭାଷା ଓ ଜନଜାତି ଭାଷାର ପ୍ରକାଶନ ପୁସ୍ତକ ପତ୍ରପତ୍ରିକାର ପ୍ରଦର୍ଶନ ସହ ବୈଶିଷ୍ଟ୍ୟ ଅବଗତ କରାଇବା ଉଦ୍ଦେଶ୍ୟରେ ଅଞ୍ଚଳିକ ପ୍ରତିଷ୍ଠାନ ସରକାରୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର ଓ ଏସସିଇଆରଟିର ବରିଷ୍ଠ ଅଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଓ ଭାରତୀ ଟୁଡୁ ଯୋଗଦେଇ ଅତିଥି ଓ ସୁନ୍ଦର ଭାବ ସହ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ।

## ଓଆରଏସ୍ ଗ୍ରୁପ୍-ବି ଅଧିକାରୀଙ୍କ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ମାମଲାରେ ହାଇକୋର୍ଟଙ୍କ ଜବାବ ତଲବ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଗ୍ରୁପ-ବି ଅଧିକାରୀଙ୍କ ୨୦୨୫ ଜୁନ ୨୫ର ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଲଗାଇଛନ୍ତି। ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ଓଆରଏସ୍ ନିୟମାବଳୀ, ୨୦୧୧ ଅନୁସାରେ ପ୍ରସ୍ତୁତ ହୋଇ ନ ଥିବାରୁ ଏହାକୁ ରଦ୍ଦ କରାଯାଉ ବୋଲି ଦର୍ଶାଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି। ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ ପୂର୍ବରୁ ଚିଠା ତାଲିକାକୁ ନେଇ ଆବେଦନକାରୀ ଦାଖଲ କରିଥିବା ଆପତ୍ତି ଉପରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଥିଲା ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ସରକାରଙ୍କୁ ହାଇକୋର୍ଟ କହିଛନ୍ତି। ଏଥି ସହିତ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ଆଧାରରେ କୌଣସି ଅଗ୍ରଗତି ହେବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬ ଜାନୁଆରୀ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରଣଜିତ କୁମାର ଦାଶ ଓ ଧନଞ୍ଜୟ ସାହୁଙ୍କ ତରଫରୁ ଦାୟର ମାମଲାର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଓଆରଏସ୍ ଗ୍ରୁପ-ବି ଅଧିକାରୀଙ୍କୁ ଓଏଏସ୍ ପଦକୁ ପଦୋନ୍ନତି ପ୍ରଦାନ ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଓଆରଏସ୍ ଗ୍ରୁପ-ବି ଅଧିକାରୀଙ୍କ ପ୍ରୋଭିଜନାଲ୍ ଗ୍ରେଡେସନ୍ ତାଲିକା ୨୦୨୫, ଜାନୁଆରୀ ୧୭ରେ ପ୍ରକାଶ ପାଇଥିଲା। ଏହି ତାଲିକା ତ୍ରୁଟିପୂର୍ଣ୍ଣ ବୋଲି ଆବେଦନ କାରୀ ଅଭିଯୋଗ କରିଥିଲେ। ଓଆରଏସ୍ ନିୟମାବଳୀର ନିୟମ-୮ର ଉଲ୍ଲଂଘନ କରାଯାଇ କମ୍ ସ୍କେଲ୍ ଅଫ୍ ପେ ଥିବା ଅଧିକାରୀଙ୍କୁ ଅଧିକ ସ୍କେଲ୍ ଅଫ୍ ପେ ଥିବା ଅଧିକାରୀଙ୍କ ଉପରେ ସ୍ଥାନ ଦିଆଯାଇଛି ବୋଲି ଦର୍ଶାଇ ଆବେଦନ କାରୀ ଫେବୃୟାରୀ ୩ରେ ଲିଖିତ ଆପତ୍ତି ଦାଖଲ କରିଥିଲେ। କିନ୍ତୁ ଆବେଦନ କାରୀଙ୍କ ଆପତ୍ତିକୁ ବିଚାରକୁ ନ ନେଇ ଜୁନ ୨୫ରେ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା ପ୍ରକାଶ କରାଯାଇଥିଲା।

# ଲାଞ୍ଚ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ଅବସରପ୍ରାପ୍ତ ଅମିନ ଜେଲ୍ ଗଲେ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଲାଞ୍ଚ ନେବା ମାମଲାରେ ଜେଲ୍ ଗଲେ ଅବସରପ୍ରାପ୍ତ ଅମିନ ସାହୁ ମେହେର। ସୁବର୍ଣ୍ଣପୁର ଜିଲ୍ଲାର ତରଭା ତହସିଲ ଅଧୀନରେ କାର୍ଯ୍ୟରତ ଅବସରପ୍ରାପ୍ତ ଅମିନ ସାହୁ ମେହେର ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶୁକ୍ରବାର ବଲାଙ୍ଗିର ଭିଜିଲାନ୍ସ ବିଶେଷ ଅଦାଲତ ତାଙ୍କୁ ଜମି ମାପଚୁପ (ଡିମାର୍କେସନ୍) କାମ ପାଇଁ ଲାଞ୍ଚ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଶ୍ରୀ ମେହେରଙ୍କୁ ୪ ବର୍ଷ କଠୋର କାରାଦଣ୍ଡ ସହ ଜରିମାନା ଘୋଷଣା କରିଛନ୍ତି। ଯାହା ପରେ ତାଙ୍କୁ ତୁରନ୍ତ ଜେଲ୍‌କୁ ପଠାଯାଇଛି। ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦୋଷୀ ସାବ୍ୟସ୍ତ ହେବା ପରେ ସାହୁ ମେହେରଙ୍କ ପେନସନ୍ ବନ୍ଦ କରିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ପ୍ରସ୍ତାବ ପଠାଯିବ ବୋଲି ସୂଚନା ଦିଆଯାଇଛି।

## ନାଲ୍‌କୋର ପୂର୍ବତନ ଏଜିଏମ୍ ସନ୍ତୋଷ କୁମାର ମହାନ୍ତିଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ଦିନ ନାଲ୍‌କୋର ପୂର୍ବତନ ଏଜିଏମ୍ ସନ୍ତୋଷ କୁମାର ମହାନ୍ତିଙ୍କ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପରଲୋକ ହୋଇ ଯାଇଛି। ଲିଭର ଏବଂ କିଡ୍‌ନୀ ଜନିତ ସମସ୍ୟାପାଇଁ ସେ କିମ୍ସ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହେଉଥିଲା। ତାଙ୍କର ଦୁଇଜଣ ବିବାହିତ ଝିଅ ଅଛନ୍ତି । ତାଙ୍କର ସମ୍ପର୍କୀୟମାନେ ପହଞ୍ଚିଲେ ପୁରୀରେ ତାଙ୍କର ଦାହ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

# 'ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା' ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଲକ୍ଷ୍ମୀସାଗର ଆନୁକୂଲ୍ୟରେ 'ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଗବେଷିକା ଡ. ହିମାଦ୍ରି ତନୟା ମିଶ୍ର ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏଥିସହିତ ସେ ଓଡ଼ିଶୀ ସଙ୍ଗୀତର ପ୍ରାଚୀନ ପରମ୍ପରା, ପ୍ରୟୋଗ, ପ୍ରବିଧି, ମୌଳିକତା ଓ ଏହାର ଶାସ୍ତ୍ରସମ୍ମତ ରାଗରାଗିଣୀ ସମ୍ପର୍କରେ ଉଦାହରଣ ମାଧ୍ୟମରେ ବିଶଦ ଭାବରେ ବୁଝାଇ ଥିଲେ। ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତାକୁ ଆଧାର କରି ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ



ମାନ୍ୟତା ପାଇସାରିଥିବାବେଳେ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ମିଳିବାର ଯେଥେଷ୍ଟ ଆବଶ୍ୟକତା ରହିଛି ଯୁକ୍ତି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏଥିରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ୍ ସଭାପତିତ୍ୱ କରିଥିବା ବେଳେ ଉତ୍କର୍ଷ କେନ୍ଦ୍ରର ବରିଷ୍ଠ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଟୋଇ, ଡ. ମନସା ଶ୍ରୀଚନ୍ଦନ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ପ୍ରମୋଦିନୀ ଜେନାଙ୍କ ସମେତ ଅନ୍ୟାନ୍ୟ ଭାଷା ସାହିତ୍ୟର ଭାଷାବିତ୍ ଓ ଗବେଷକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଅନୁଷ୍ଠାନର ବରିଷ୍ଠ ଗବେଷକ ଡ. ଅମ୍ବରୀଶ ଶତପଥୀ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରବଳ ବିରୋଧ...

ନିଯୁକ୍ତି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ଅଭିଯୋଗ ଆଣି ପ୍ରତିବାଦ କରିଥିଲେ ବିରୋଧୀ ସଦସ୍ୟ । ବିରୋଧୀ କହିଥିଲେ ଯେ ସେମାନେ ଘଟଣାକୁ ନେଇ ଦେଶବ୍ୟାପୀ ରାସ୍ତାକୁ ଓହ୍ଲାଇବେ।

ବିରୋଧୀଙ୍କ ପ୍ରବଳ ବିରୋଧ ମଧ୍ୟରେ ସଂସଦର ଉଭୟ ଗୃହ ୨୦ ବର୍ଷ ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନକୁ ବଦଳାଇ ରୋଜଗାର ଏବଂ ଆଜିବିକା ମିଶନ (ଗ୍ରାମୀଣ) ପାଇଁ ଭିକ୍ଷିତ ଭାରତ ଗ୍ୟାରେଣ୍ଟି ବିଲ୍ ପାରିତ କରିଛି । ଲୋକସଭାରେ ବିରୋଧୀ ସଦସ୍ୟମାନେ ଗୁରୁବାର ହଙ୍ଗାମା କରିଥିଲେ ଏବଂ ବିଲ୍ ର ନକଲ ଚିରି ଦେଇଥିଲେ। ସନ୍ଧ୍ୟାରେ ରାଜ୍ୟସଭାରେ ବିଲ୍ ଉପରେ ଆଲୋଚନା ଆରମ୍ଭ ହେଇଥିବା ବେଳେ ମଧ୍ୟ ପ୍ରବଳ ବିରୋଧ ହୋଇଥିଲା । ମଧ୍ୟରାତ୍ରି ପରେ ବହୁମତ ଭୋଟ ଦ୍ୱାରା ବିଲ୍ ପାରିତ ହୋଇଛି ।

### ରୋଚକ ଦୃଶ୍ୟ...

ହୋଇଥିଲା । ଏହି ସମୟର ଏକ ଫଟୋ ଏବଂ ଭିଡ଼ିଓ ସାମ୍ନାକୁ ଆସିଛି, ଯେଉଁଥିରେ ଶାସକ ଏବଂ ବିରୋଧୀ ଦଳର ଅନେକ ପ୍ରମୁଖ ନେତା ଗୋଟିଏ ସ୍ଥାନରେ ଥିବା ଦେଖି ବେଶ ଆଶ୍ଚର୍ଯ୍ୟ ହୋଇଥିଲେ ଜନତା ।

### ଆମେରିକାର ଶୁଳ୍କ ...

ଆମଦାନୀ ହେଉଛି ପେଟ୍ରୋଲିୟମ୍ ଉତ୍ପାଦ ଏବଂ ୟୁରିଆ, ଯାହା ମୋଟ ଆମଦାନୀର ୭୦ପ୍ରତିଶତରୁ ଅଧିକ । ଅନ୍ୟାନ୍ୟ ପ୍ରମୁଖ ଉତ୍ପାଦଗୁଡ଼ିକ ମଧ୍ୟରେ ପ୍ରୋପିଲିନ୍ ଏବଂ ଇଥିଲିନ୍ ପଲିମର, ପେଟ କୋକ୍, ଜିପସମ୍, ରାସାୟନିକ ପଦାର୍ଥ, ଲୁହା, ଇସ୍ପାତ ଏବଂ ଅପରିଶୋଧିତ ଆଲୁମିନିୟମ୍ ଅନ୍ତର୍ଭୁକ୍ତ। ଓମାନକୁ ଭାରତର ପ୍ରମୁଖ ରପ୍ତାନି ମଧ୍ୟରେ ଖଣିଜ ଇନ୍ଧନ, ରାସାୟନିକ ପଦାର୍ଥ, ମୂଲ୍ୟବାନ ଧାତୁ, ଲୁହା ଏବଂ ଇସ୍ପାତ, ଶସ୍ୟ, ଜାହାଜ, ଡଙ୍ଗା, ବୈଦ୍ୟୁତିକ ଯନ୍ତ୍ରପାତି, ବଏଲର, ଚା, କଫି, ମସଲା, ବସ୍ତ୍ର ଏବଂ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ।

କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି ଯେ, ଭାରତ-ଓମାନ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଅଟୋମୋବାଇଲ୍, ଅଳଙ୍କାର, କୃଷି ରସାୟନ, ନବୀକରଣୀୟ ଶକ୍ତି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ।

### ନୂଆବର୍ଷରୁ ...

ଦୁଇଟି ଟୋଲ୍ ପ୍ଲାଜା ମଧ୍ୟରେ ଦ୍ରୁତ ଗତିରେ ପହଞ୍ଚେ, ତେବେ ସିଷ୍ଟମ୍ ଗାଡ଼ିକୁ ଦ୍ରୁତ ଗତିରେ ଚଳାଯାଉଥିବା ଚିହ୍ନଟ କରିବ। ଏପରି ପରିସ୍ଥିତିରେ, ଏକ ଚାଲାଣ ସ୍ୱୟଂଚାଳିତ ଭାବରେ ଜାରି କରାଯିବ। ଗଡକରୀ କହିଛନ୍ତି ଯେ ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥା ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାହାଯ୍ୟରେ କାର୍ଯ୍ୟ କରିବ।

ଟୋଲ୍ ପ୍ଲାଜାରେ ଯାନବାହାନ ନ ଅଟକାଇ ଇନ୍ଧନ ସଞ୍ଚୟ ହେବ। ସରକାରଙ୍କ ସୂଚନା ଅନୁଯାୟୀ, ଏହା ପ୍ରାୟ ୧୫୦୦ କୋଟି ଟଙ୍କାର ଇନ୍ଧନ ସଞ୍ଚୟ କରିବ। ଏହା ସହିତ, ସରକାରଙ୍କ ଜରୁରୀକାଳୀନ ପାଣ୍ଠିରେ ପ୍ରାୟ ୬୦୦୦ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ସୃଷ୍ଟି କରିବ। ଏହା ସହିତ, ଟୋଲ୍ ପ୍ଲାଜାରେ କର୍ମଚାରୀଙ୍କ ଆବଶ୍ୟକତା ହ୍ରାସ ପାଇବ, ଯାହା ଦ୍ୱାରା ପରିଚାଳନା ଖର୍ଚ୍ଚ ହ୍ରାସ ପାଇବ।

ନୀତିନ ଗଡକରୀ ସ୍ପଷ୍ଟ କରିଛନ୍ତି ଯେ କେନ୍ଦ୍ର ସରକାର କେବଳ ଜାତୀୟ ରାଜପଥ ପାଇଁ ଦାୟୀ, ରାଜ୍ୟ, ସହର କିମ୍ବା ଗ୍ରାମାଞ୍ଚଳ ରାସ୍ତା ପାଇଁ ନୁହେଁ। ସେ କହିଛନ୍ତି ଯେ ୭୦% ଅଭିଯୋଗ ସେହି ରାସ୍ତାଗୁଡିକର ଆସୁଛି ଯେଉଁ ରାସ୍ତାଗୁଡ଼ିକର କେନ୍ଦ୍ର ସରକାରଙ୍କର କିଛି ସମ୍ପର୍କ ନାହିଁ । ଜାତୀୟ ରାଜପଥରେ ନିମ୍ନମାନର କାମ କରୁଥିବା ଠିକାଦାରମାନଙ୍କୁ ଏବେ ଦୁଇ ବର୍ଷ ପାଇଁ କଳା ତାଲିକାଭୁକ୍ତ କରାଯିବ। ଆବଶ୍ୟକ ହେଲେ, କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

### ଏନକାଉଣ୍ଟରରେ ...

କରି ନ ପାରି ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ସେଠାରେ ସର୍ଚ୍ଚ ଅପରେସନ କରାଯିବା ସମୟରେ ଜଣକଙ୍କ ମୃତଦେହ ମିଳିଥିଲା। ମୃତ ମାଓବାଦୀ ଭୈରବଗଡ଼ ଏରିଆ କମିଟି ସଦସ୍ୟ ଫଗୁନ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ, ଗୋଟି, ପିସ୍ତଲ ଜବତ ହୋଇଛି।

### ଓଡ଼ିଶା ଭାରତର...

କରିବା ଏହା ଉପରେ ପ୍ରାଥମିକତା ଦେବା ସମ୍ଭାବନା ଥିବା କ୍ଷେତ୍ରଗୁଡିକରେ ନିବେଶ କରିବା ଏବଂ ଏହି ଧାରାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ନିବେଶ, ସୁଯୋଗ ଅନୁସନ୍ଧାନ, ସହଭାଗିତାକୁ ସୁଦୃଢ କରିବା ଏବଂ ବଜାର ଚାଳିତ, ମୂଲ୍ୟଯୁକ୍ତ ଏବଂ ନିଯୁକ୍ତିମୁଖୀ ଶିଳ୍ପ ଅର୍ଥନୀତି ଆଡକୁ ଓଡ଼ିଶାର ଅଗ୍ରଗତିକୁ ସମର୍ଥନ କରିବା ପାଇଁ ଶୀର୍ଷ କମ୍ପାନୀ, ଶିଳ୍ପ ସଂଘ ଏବଂ ବ୍ୟବସାୟିକ କ୍ଷେତ୍ରରେ ବିଶିଷ୍ଟ ନେତୃବୃନ୍ଦଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ କହିଥିଲେ ପୂର୍ବୋଦୟର ଜାତୀୟ ଦୃଷ୍ଟିକୋଣ ଆଧାରରେ ଓଡ଼ିଶା ଏକ ପ୍ରମୁଖ ନିବେଶ ଲକ୍ଷ୍ୟସ୍ଥଳ ଭାବରେ ଉଭା ହୋଇଛି। ଯାହାକି ଦୃଢ ଭିତ୍ତିଭୂମି ଆର୍ଥିକ ସୂଚନା ଏବଂ ପ୍ରତିକ୍ରିୟାଶୀଳ ଶାସନ ଦ୍ୱାରା ସମର୍ଥିତ ରଣନୈତିକ ସୁବିଧା, ରାଜ୍ୟର ସୁଦୀର୍ଘ ଉପକୂଳ, ବନ୍ଦର, ବିକାଶ, ଶିଳ୍ପ କରିଡରର ବିସ୍ତାର ଓ ବହୁମୁଖୀ ସଂଯୋଗୀକରଣ ସମେତ ରାଜ୍ୟର ରଣନୈତିକ ସୁବିଧା ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଓଡ଼ିଶାର ନୀତି ଢାଞ୍ଚା ଏବଂ ଶାସନ ମଡେଲ ପ୍ରତି ଶିଳ୍ପ ଜଗତର ବିଶ୍ୱାସ ବୃଦ୍ଧି ଘଟାଇଛି। ନିବେଶକଙ୍କ ପାଇଁ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିରନ୍ତର ସଂପୃକ୍ତି ଏବଂ ସୁଗମ ବ୍ୟବସ୍ଥାକୁ ସୁନିଶ୍ଚିତ କରିପାରିଛି। ଏଥିପାଇଁ ରାଜ୍ୟ ସରକାରଙ୍କର ପ୍ରତିବଦ୍ଧତା ରହିଛି। ଶିଳ୍ପପ୍ରତିନିଧିମାନେ ଓଡ଼ିଶାର ସ୍ୱଚ୍ଛନୀତି ପ୍ରତିଯୋଗିତାମୂଳକ ପରିଚାଳନା ଏବଂ ଭିତ୍ତିଭୂମିର ବିକାଶକୁ ସ୍ୱୀକାର କରିଛନ୍ତି। ଦୀର୍ଘକାଳୀନ ନିବେଶ ଲକ୍ଷ୍ୟସ୍ଥଳୀ ଭାବରେ ଓଡ଼ିଶାର ସମ୍ଭାବନାକୁ ଉଲ୍ଲେଖ କରିଛନ୍ତି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ।

### ଓଡିଶା ଏଆଇ...

ସମାବେଶକୁ ସମ୍ବୋଧିତ କରିଥିଲେ।

ଏକ ଭର୍ଚୁଆଲ୍ ସମ୍ବୋଧନ ମାଧ୍ୟମରେ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏଆଇ-ନେତୃତ୍ୱାଧୀନ ଶାସନ ଏବଂ ନାଗରିକ-କୈନ୍ଦ୍ରିକ ନବସୃଜନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, 'ଆମେ କେବଳ ଏଆଇ ଗ୍ରହଣ କରୁନାହୁଁ, ଆମେ ଏକ ଏଆଇ-ଚାଳିତ ଓଡ଼ିଶାର ମୂଳଦୁଆ ନିର୍ମାଣ କରୁଛୁ । ଏହା ଶାସନ, ସେବା ପ୍ରଦାନର ଗତିକୁ ସୁଦୃଢ଼ କରିବ ଏବଂ ନାଗରିକମାନଙ୍କୁ ସଶକ୍ତ କରିବ । ଭାରତ ଏକ ଐତିହାସିକ ବୈଷୟିକ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ଓଡ଼ିଶା ଏହି ଜାତୀୟ ଆନ୍ଦୋଳନରେ ଏକ ସକ୍ରିୟ ଏବଂ ମହତ୍ୱାକାଂକ୍ଷୀ ଅଂଶୀଦାର ହେବ ବୋଲି କହିଥିଲେ ।'

ଓଡିଶା କୃତ୍ରିମ ବୁଦ୍ଧିମତା ମିଶନ ପୋର୍ଟାଲ ଲୋକାର୍ପିତ କରି ଡକ୍ଟର ମହାଲିଙ୍ଗ ଭାରତ ଏଆଇ ଇମ୍ପାକ୍ଟ ଶିଖରର ନୀତି - ତିନୋଟି ସୂତ୍ର ଏବଂ ସାତ ଚକ୍ର ସହିତ ସମ୍ମିଳନୀର ସମନ୍ୱୟ ଉପରେ ଆଲୋକପାତ କରିଥିଲେ , ଯାହା ଏହି ନୀତିଗୁଡ଼ିକୁ ମାନବ ପୁଞ୍ଜି, ଅନ୍ତର୍ଭୁକ୍ତି, ବିଶ୍ୱାସ, ସ୍ଥିରତା, ବିଜ୍ଞାନ, ସମ୍ବଳ ଏବଂ ସାମାଜିକ ମଙ୍ଗଳକୁ ନେଇ ବହୁପାକ୍ଷିକ କାର୍ଯ୍ୟର କଂକ୍ରିଟ୍ କ୍ଷେତ୍ରରେ ପରିଣତ କରିଥାଏ। ଆଞ୍ଚଳିକ ସମ୍ମିଳନୀ ଓଡିଶା ସହ ଅନ୍ୟ ୭ ଟି ରାଜ୍ୟରେ ଅନୁଷ୍ଠିତ ହେଉଛି । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତଙ୍କ ପାଇଁ କୃତ୍ରିମ ବୁଦ୍ଧିମତା, କୃତ୍ରିମ ବୁଦ୍ଧିମତା ସରକାରୀ ଏବଂ ଅନ୍ୟ ସମସ୍ତ କାର୍ଯ୍ୟରେ କିପରି ସଠିକ ବ୍ୟବହାର ହେବ । କୃତ୍ରିମ ବୁଦ୍ଧିମତା ଟୁଲ ମାଧ୍ୟମରେ ସୁଭଦ୍ରା , ଧାନ କିଣାରେ ଇନପୁଟ ସବସିଡିକୁ ସକ୍ଷମ କରାଯାଇଛି ବୋଲି ସେ କହିଥିଲେ । ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ' ନୀତିଗତ ଏବଂ ଉତ୍ତରଦାୟୀ ଭାବେ କୃତ୍ରିମ ବୁଦ୍ଧିମତା ବ୍ୟବହାର ଅଧିକ ଆବଶ୍ୟକ । ଆମକୁ ଏଆଇ କର୍ମଶାଳାରୁ କାର୍ଯ୍ୟ ପ୍ରତି ଧ୍ୟାନ ଦେବାକୁ ପଡିବ । ଫଳରେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତା ନିଶ୍ଚିତ ରୂପେ ସାର୍ବଜନୀନ ଭିତ୍ତିଭୂମି ସହିତ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବ ବୋଲି କହିଥିଲେ ।

ଏଆଇ-ଚାଳିତ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରି, ବିଶାଳ ଦେବ ଓପନଏଆଇ (ଛାତ୍ର ଏବଂ ସରକାରୀ ଅଧିକାରୀଙ୍କ ପାଇଁ ଏଆଇ କ୍ଷମତା ନିର୍ମାଣକୁ ସମର୍ଥନ କରିବା ଏବଂ ପାଇଲଟ୍ ଏଆଇ ବ୍ୟବହାର ମାମଲାଗୁଡ଼ିକୁ ସମର୍ଥନ କରିବା ପାଇଁ) ୱାଧୱାନୀ ଏଆଇ (ଯାହା ମୌଖିକ ପଠନ ପ୍ରବାହ ଏବଂ ସୁଭଦ୍ରା ହିତାଧିକାରୀଙ୍କୁ ନଜ୍ ଉପରେ ଧ୍ୟାନ ଦେବ); ଏଆଇ (ଯୋଜନା ବିତରଣରେ ସମସ୍ୟା ସମାଧାନ ପାଇଁ); ଏବଂ ଟିସିଏସ୍ (ଇ-ଫାଇଲ୍ ପରିଚାଳନା ବ୍ୟବସ୍ଥାରେ ଦକ୍ଷତା ଏବଂ ଉତ୍ପାଦକତା ଉନ୍ନତ କରିବା ଭଳି ସଂଗଠନ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ବିଷୟରେ କହିଥିଲେ ।

## 'ପରବ-୨୦୨୫'ର ଭବ୍ୟ ଶୁଭାରମ୍ଭ

# ବେଦାନ୍ତ ଆଲୁମିନିୟମ କୋରାପୁଟର ଜୀବନ୍ତ ସାଂସ୍କୃତିକ ଐତିହ୍ୟକୁ ପାଳନ କରୁଛି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ପରବ-୨୦୨୫ର ସମାରୋହରେ ଯୋଗଦେଇଛି। ଏହା କୋରାପୁଟର ପ୍ରତୀକାତ୍ମକ ସାଂସ୍କୃତିକ ମହୋତ୍ସବର ୨୮ତମ ସଂସ୍କରଣ ଯାହା ଏହି ଅଞ୍ଚଳର ସ୍ପନ୍ଦନଶୀଳ ପରମ୍ପରା, ଆଦିବାସୀ କଳା ଏବଂ ସମୃଦ୍ଧ ଐତିହ୍ୟକୁ ସମ୍ମାନିତ କରେ। ପାଞ୍ଚ ଦିନିଆ ଆଦିବାସୀ ମହୋତ୍ସବ ଦକ୍ଷିଣ ଓଡ଼ିଶାର କାଳଜୟୀ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ସମ୍ପ୍ରଦାୟ, କଳାକାର ଏବଂ ଶିଳ୍ପମାନଙ୍କୁ ଏକତ୍ରିତ କରିଥାଏ।

ଉଦ୍‌ଘାଟନୀ ଦିବସରେ ବେଦାନ୍ତ ଆଲୁମିନିୟମ ଏହାର ଉତ୍ସର୍ଗୀକୃତ ଷ୍ଟଲକୁ ଉନ୍ମୋଚନ କରିଥିଲା, ଯାହା କମ୍ପାନୀର ସାମୁଦାୟିକ ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲା। ଏହି ଷ୍ଟଲକୁ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର, ପୋଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଦମ, କୋରାପୁଟ ବିଧାୟକ ରଘୁରାମ ମାଛ; ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲା ପରିଷଦ ସଦସ୍ୟ ସସ୍ମିତା ମେଲେକା ଏବଂ କୋରାପୁଟର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ମନୋଜ ସତ୍ୟବାନ ମହାଜନଙ୍କ ସମ୍ମାନଜନକ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ସମାବେଶୀ ଏବଂ ନିରନ୍ତର ବିକାଶ ଦିଗରେ ଏହି ଅଞ୍ଚଳର ଯାତ୍ରାକୁ ପ୍ରତିଫଳିତ କରୁଥିବାବେଳେ ଆଦିବାସୀ ସଂସ୍କୃତିକୁ ଆଲୋକିତ କରିଥିବାରୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ଉତ୍ସବର ପ୍ରଶଂସା କରିଥିଲେ।




ବେଦାନ୍ତ ଆଲୁମିନିୟମର ବୁଥ୍ ପରିଦର୍ଶକମାନଙ୍କୁ ଏହାର ସମ୍ପ୍ରଦାୟ ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ପଦକ୍ଷେପର ଏକ ଅନନ୍ୟ ଝଲକ ପ୍ରଦାନ କରିଥିଲା। ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରୋଜେକ୍ଟ ଆଦିକଳା, କମ୍ପାନୀର ଲାଞ୍ଜିଗଡ଼ ୟୁନିଟରେ ସଉରା ଚିତ୍ରକଳା ଏବଂ ଧୋକ୍ରା ଧାତୁ ହସ୍ତଶିଳ୍ପ ଭଳି ପ୍ରାଚୀନ ଆଦିବାସୀ କଳା ଫର୍ମକୁ ପୁନରୁଦ୍ଧାର କରିବା ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ। ପ୍ରୋଜେକ୍ଟ ଆଦିକଳା ମାଧ୍ୟମରେ, କମ୍ପାନୀ ୨୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ଶତାବ୍ଦୀ ପୁରୁଣା କଳା ପରମ୍ପରାକୁ ସଂରକ୍ଷଣ କରିବା ସହିତ ସ୍ଥାୟୀ ଜୀବିକା ହାସଲ କରିବାରେ ସକ୍ଷମ କରିଛି।

ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ପରବ ହେଉଛି ଜୀବନ୍ତ ପରମ୍ପରା ଏବଂ ସମ୍ପ୍ରଦାୟର ଗୌରବର ଉତ୍ସବ। ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହିତ ବିକାଶ ନିଶ୍ଚୟ ହେବା ଉଚିତ।' ପ୍ରକଳ୍ପ ଆଦିକଳା ଭଳି ପଦକ୍ଷେପ ମାଧ୍ୟମରେ ଆମେ କେବଳ ଭାରତର ପ୍ରାଚୀନ କଳାକୁ ପୁନର୍ଜୀବିତ କରୁନାହୁଁ, ବରଂ ଗ୍ରାମୀଣ ସମୁଦାୟଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ। ପରବ ୨୦୨୫ରେ ଆମର ଅଂଶଗ୍ରହଣ ସ୍ଥାନୀୟ ସଂସ୍କୃତିରେ ନିହିତ ସମାବେଶୀ ଅଭିବୃଦ୍ଧି ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ପରବ ୨୦୨୫ରେ ବେଦାନ୍ତ ଲାଞ୍ଜିଗଡ଼ର ଅଂଶଗ୍ରହଣ ଓଡ଼ିଶାର ସମ୍ପ୍ରଦାୟ ସହିତ ଏହାର ଦୀର୍ଘକାଳୀନ ଭାଗିଦାରୀକୁ ସୁଦୃଢ଼ କରେ, ଯେଉଁଠାରେ ସାଂସ୍କୃତିକ ସଂରକ୍ଷଣ, ଅର୍ଥନୈତିକ ସଶକ୍ତିକରଣ ଏବଂ ସ୍ଥାୟୀ ବିକାଶ ଏହାର ସାମାଜିକ ପ୍ରଭାବ ପ୍ରୟାସର କେନ୍ଦ୍ରବିନ୍ଦୁ ।

ଭୁବନେଶ୍ୱର
୨୦ ଡିସେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କିଟ୍‌ରେ 'ମାର୍ଚ୍ଚିଂ ବିୟଣ୍ଡ ଦି ଲାଇବ୍ରେରୀ-୨୦୨୫' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୧୨
ନ୍ୟୁଜ୍‌ବ୍ୟୁରୋ

ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କ (ମାନଲିବନେଟ) ଏବଂ ଆଇସିଏମବିଏଲ ୨୦୨୫ ମିଳିତ ଆନୁକୂଲ୍ୟରେ ତିନି ଦିନିଆ ଅନ୍ତର୍ଜାତୀୟ ଲାଇବ୍ରେରୀ ୨୦୨୫ ଶୀର୍ଷକ ସମ୍ମିଳନୀ କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ବ୍ୟାପୀ ହେବାକୁ ଥିବା ଏହି ସମ୍ମିଳନୀରେ ଲାଇବ୍ରେରୀ ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆଲୋଚନା ହେବ।

ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାରତ ଓ ବିଦେଶର ଖ୍ୟାତିସଂପନ୍ନ ପ୍ରଫେସର, ଶିକ୍ଷାବିତ୍, ସୂଚନା ବୈଜ୍ଞାନିକ, ଗବେଷକ ଓ ଲାଇବ୍ରେରୀ ବୃତ୍ତିଗତମାନେ ଯୋଗ ଦେଇଛନ୍ତି। ଏହା ସମ୍ମିଳନୀ ଜରିଆରେ ଲାଇବ୍ରେରୀର



ବିକଶିତ ଭୂମିକା ଏବଂ ସମସାମୟିକ ଡିଜିଟାଲ୍ ଯୁଗରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ ବିଚାର ବିମର୍ଶ କରାଯାଇପାରିବ।

ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର କେ.ଡି. ରାଜୁ, ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ବି. ରମେଶ ବାବୁ, ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କର ସଭାପତି ଡ. ଏମ୍.ଜି. ଶ୍ରୀକୁମାର, ମାନଲିବନେଟ ସାଧାରଣ ସଂପାଦକ ଡ. ଅଖତର ପରଭେଜ, କିଟ୍ ଲାଇବ୍ରେରୀ ନିର୍ଦ୍ଦେଶିକା ତଥା ଲାଇବ୍ରେରୀ ସାଇନ୍‌ସ ବିଭାଗୀୟ ମୁଖ୍ୟ ଡ. ବିଜୟାଲକ୍ଷ୍ମୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପାଠାଗାର ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ଦେଶରେ ଗ୍ରନ୍ଥାଗାରିକଙ୍କ ପରିବର୍ତ୍ତିତ ଭୂମିକା ଉପରେ ଗୁରୁତ୍ୱାରୋପ କରି ପ୍ରଫେସର କେ. ଡି. ରାଜୁ କହିଲେ, ଗ୍ରନ୍ଥାଗାରିକମାନେ ଆଉ କେବଳ ବୁକ୍‌କିପର ଭୂମିକାରେ ସୀମିତ ନୁହନ୍ତି ବରଂ ଦ୍ରୁତ ଗତିରେ ଟେକ୍ନୋକ୍ରାଟ୍, ଡିଜିଟାଲ୍ କ୍ୟୁରେଟର ଏବଂ ଶିକ୍ଷାଗତ ସହଯୋଗୀରେ ପରିଣତ ହେଉଛନ୍ତି। ସେହିପରି ବି. ରମେଶ ବାବୁ ଉନ୍ନତ ସୂଚନା ପ୍ରଯୁକ୍ତିର ବିସ୍ତାରିତ ଦିଗ ଏବଂ ସୂଚନା ପ୍ରଣାଳୀର ପରିଚାଳନା ଓ ନିୟନ୍ତ୍ରଣରେ ଏହାର ବ୍ୟବହାରିକ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ସେ ପାଠାଗାର ସେବାର ଦକ୍ଷତା ଓ ପହଞ୍ଚ ବୃଦ୍ଧି କରିବା ପାଇଁ ଅଭିନବ ଉପକରଣ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ବିଜୟଲକ୍ଷ୍ମୀ ରାଉତରାୟ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଅଧ୍ୟାପକ ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀନ ପଟ୍ଟନାୟକଙ୍କୁ ଭେଟିଲେ ହିଞ୍ଜିଳି ମ୍ୟୁନିସିପାଲିଟିର ବିଜେଡି ନେତା ଓ କର୍ମୀ

ଭୁବନେଶ୍ୱର, ୧୯।୧୨
ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ଜିଲ୍ଲା ହିଞ୍ଜିଳି ମ୍ୟୁନିସିପାଲିଟି ବିଜୁ ଜନତା ଦଳର ନେତା ଏବଂ କର୍ମୀ ମାନେ ଶୁକ୍ରବାର ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସମାନ ଅଭିଯୋଗ କରିଛନ୍ତି।

ସରକାରୀ ଅବହେଳା ଯୋଗୁଁ ହିଞ୍ଜିଳି ମ୍ୟୁନିସିପାଲିଟି ଅଞ୍ଚଳରେ ବିକାଶ କାମ ସ୍ଥାଣୁ ହୋଇ ଯାଇଥିବା ଓ ଆଇନ ଶୃଙ୍ଖଳା ଅଧୋଗତି ନେଇ ବିଜେଡି ନେତା ଓ କର୍ମୀମାନେ ନବୀନ ପଟ୍ଟନାୟକଙ୍କୁ ଅବଗତ କରିଥିଲେ।

ହିଞ୍ଜିଳି ଉପଖଣ୍ଡ ଡାକ୍ତରଖାନାରେ ଉନ୍ନତ ଭିତ୍ତିଭୂମି ଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଡାକ୍ତର ଓ ଷ୍ଟାଫ ଅଭାବ ଯୋଗୁଁ ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି। ମ୍ୟୁନିସିପାଲିଟିରେ କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ପ୍ରତି ସରକାର ସମ୍ପୂର୍ଣ୍ଣ ଉଦାସୀନ। ଯୋଗ୍ୟ ବ୍ୟକ୍ତିଙ୍କ ରାସନ କାର୍ଡ଼ ଓ ଭତ୍ତା ମନମୁଖୀ ଭାବରେ କାଟି ଦିଆଯାଉଛି। ଅଭିଯୁକ୍ତ ନିର୍ଭୟରେ ବୁଲୁଥିବା ବେଳେ ଅଭିଯୋଗ କରୁଥିବା ଲୋକ ନାମରେ କେସ୍ କରାଯାଉଛି। ଦଳୀୟ ମନୋଭାବ ନେଇ ପୋଲିସ ପ୍ରଶାସନର କାମ ଯୋଗୁଁ ସାଧାରଣ ଲୋକ ଥାନାକୁ ଯିବାକୁ ଭୟ କରୁଛନ୍ତି। ଏଭଳି ଅନେକ ଅଭିଯୋଗ ସମ୍ପର୍କରେ ବିଜେଡି ନେତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିବା ସହ ତାଙ୍କର ହସ୍ତକ୍ଷେପ ଲୋଡ଼ିଥିଲେ। ଶ୍ରୀ ପଟ୍ଟନାୟକ ଏସବୁ ଅଭିଯୋଗ ବିଷୟରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ ଏବଂ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିକାଶ ଓ ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ଦିଗରେ କାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ହିଞ୍ଜିଳି ମ୍ୟୁନିସିପାଲିଟିର ଚେୟାରମ୍ୟାନ ସୁବାସ ପଲେଇ, ରୋଗୀକଲ୍ୟାଣ ସମିତି ସଭାପତି ନୀଳମଣି ପଟ୍ଟନାୟକ, ହୃଦାନନ୍ଦ ମହାପାତ୍ର, ମନୋଜ ପଲେଇ, ଶୋଭା ମହାରଣା ଉପସ୍ଥିତ ଥିଲେ। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମହାରଣା ବିରୋଧୀ ଦଳ ନେତାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିରରେ ବଉଳ ଅମାବାସ୍ୟା : ସାଗର ବିଜେ କଲେ ମହାପ୍ରଭୁ

ପୁରୀ, ୧୯।୧୨
ନ୍ୟୁଜ୍‌ବ୍ୟୁରୋ



ଶୁକ୍ରବାର ପବିତ୍ର ବକୁଳ ବା ବଉଳ ଅମାବାସ୍ୟା। ପୌଷ ମାସର ଅମାବାସ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିରରେ ବକୁଳ ଅମାବାସ୍ୟା ନୀତି ଯଥାରୀତି ପାଳନ କରାଯାଇଛି। ଏହି ଦିନ ମହାପ୍ରଭୁଙ୍କଠାରେ ଲାଗିହୋଇ ଥିଲା ବଉଳ। ବଉଳ ପଡ଼ି ତିଆରି କରାଯାଇଥିବା ଗଇଁଠା ପିଠା ମହାପ୍ରଭୁଙ୍କ ଠାରେ ଅର୍ପଣ କରାଯାଇଥିଲା। ଏହି ତିଥିରେ ଶ୍ରୀବିଗ୍ରହମାନଙ୍କର ଆଳତି ଅବକାଶ ବଡ଼ି ବେଶ ହେବା ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଏକ ତୁଳସୀ ମାଳ ବା ଆଜ୍ଞାମାଳ ଲାଗି କରାଯାଇ ଥିଲା। ଗୋପାଳବଲ୍ଲଭ ଭୋଗ ଶେଷ ହୋଇ ସକାଳ ଧୂପ ଉଠିବା ସମୟରେ ରୋଷ ଘରୁ ବଉଳ ଗଇଁଠା ତାଟ ଛାମୁକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ଷୋଡ଼ଶ ଉପଚାରରେ ପୂଜା କରିଥିଲେ। ଟେରାଫିଟି ଆଳତି ବଢ଼ିବା ପରେ ତାଟ ଭିତରେ ଥାଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନି ବାଡ଼ରେ ବନ୍ଦାପନା କରିଥିଲେ। ତା'ପରେ ମହାପ୍ରସାଦ କଢ଼ା ଯାଇ ଧୋପଖାଳ ହେବା ପରେ ମହାଜନେ ଦକ୍ଷିଣ ଘରୁ ଶ୍ରୀ ନାରାୟଣ ଅମାବାସ୍ୟାଙ୍କୁ ରତ୍ନସିଂହାସନ ଉପରକୁ ବିଜେ କରାଯାଇଥିଲା। ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କଠାରେ ପୂର୍ବରୁ ଲାଗି ହୋଇଥିବା ଆଜ୍ଞାମାଳକୁ ଆଣି ଶ୍ରୀନାରାୟଣଙ୍କୁ ସାଗର ବିଜେ ନିମିତ୍ତ ପ୍ରଦାନ କରିଥିଲେ। ଆଜ୍ଞାମାଳ ଲାଗି ହେବା ପରେ ମହାଜନ ସେବକମାନେ ହସ୍ତରେ ଶ୍ରୀଅମାବାସ୍ୟା ନାରାୟଣଙ୍କୁ ବିଜେ କରାଇ ମୁକ୍ତି ମଣ୍ଡପ ତଳେ ଥିବା ପାଲିଙ୍କିରେ ଆସୀନ କରାଇଥିଲେ। ଆବଶ୍ୟକ ନୀତି ପରେ ବିମାନବଡୁ ସେବକମାନେ ପାଲିଙ୍କିକୁ ସ୍କନ୍ଧରେ ବହନ କରି ସାଗର ବିଜେ ନୀତି ନିମିତ୍ତ ସ୍ୱର୍ଗଦ୍ୱାର ନିକଟକୁ ଯାଇଥିଲେ। ଏହି ପବିତ୍ର ବକୁଳ ଅମାବାସ୍ୟା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର ଏକ୍ସ ଆକାଉଣ୍ଟରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




ସମ୍ପାଦକୀୟ ପୃଷ୍ଠା-୪

THE UTKAL DEEPIKA

ଶେଷ ହେଉଛି ବର୍ଷ : ଆତ୍ମାହୁତି ନିଆଁରେ ଲିଭୁନି ଓଡ଼ିଶା


# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ହାଇଦ୍ରାବାଦରେ ଓଡ଼ିଶା ନିବେଶକ ସମ୍ମିଳନୀ

## ୩୮,୭୦୦ କୋଟି ଟଙ୍କା ନିବେଶ ସୃଷ୍ଟି : ୨୦,୨୦୦ ଲୋକଙ୍କ ପାଇଁ ନିଯୁକ୍ତି

ହାଇଦ୍ରାବାଦ, ୧୯।୧୨

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାଇଦ୍ରାବାଦରେ ପହଞ୍ଚି ଦୁଇଦିନିଆ ନିବେଶକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ନିବେଶକ ସମ୍ମିଳନୀ, ଯାହା ଶିଳ୍ପ ସହଭାଗୀତାକୁ ଆହୁରି ଗଭୀର କରିବ ଏବଂ ଜାତୀୟ ଓ ବିଶ୍ୱ ନିବେଶକଙ୍କ ନିକଟରେ ରାଜ୍ୟର ବିସ୍ତାରିତ ଶିଳ୍ପ କ୍ଷମତା ଉପସ୍ଥାପନ କରିବ। ଏହି ସମ୍ମିଳନୀ ଓଡ଼ିଶା ସରକାରଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା।

ଗସ୍ତର ପ୍ରଥମ ଦିନରେ, ମୁଖ୍ୟମନ୍ତ୍ରୀ ଔଷଧ, ଚିକିତ୍ସା ଉପକରଣ, ସବୁଜ ଶକ୍ତି, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଇଞ୍ଜିନିୟରିଂ ସାମଗ୍ରୀ, ଅଟୋମୋଟିଭ୍ ଉପାଦାନ ଏବଂ ପୁଞ୍ଜି ଉପକରଣ ଉତ୍ପାଦନ ସମେତ ପ୍ରାଥମିକତା କ୍ଷେତ୍ରର ପ୍ରମୁଖ କମ୍ପାନୀଗୁଡ଼ିକର ବରିଷ୍ଠ ନେତୃତ୍ୱଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଆଲୋଚନା ନୂତନ ନିବେଶ ସୁଯୋଗ ଅନୁସନ୍ଧାନ ଏବଂ ଓଡ଼ିଶାରେ ଶିଳ୍ପ ଉପସ୍ଥିତି ବିସ୍ତାର କରିବା ଉପରେ



କେନ୍ଦ୍ରିତ ଥିଲା।

ଇଣ୍ଡୋରାମା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିନ୍ଦଲ ପଲି ଫିଲ୍ମସ୍, ଏବିଆଇ ସୋଆଟେକ୍ ପ୍ରାଇଭେଟ୍ ଲିମିଟେଡ୍ (ପ୍ରତିରକ୍ଷା ଉତ୍ପାଦନ), ମାରୁତି (ମେଟାଲ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ର) ଭଳି ପ୍ରମୁଖ କମ୍ପାନୀ ଗୁଡ଼ିକ ଅଂଶଗ୍ରହଣ କରି ମୋଟ ୧୫ଟି ସରକାର-ବ୍ୟବସାୟ (ଜି୨ବି) ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସମୟରେ, ପ୍ରାୟ ୧୯୫୦୦କୋଟି ଟଙ୍କାର ନିବେଶ ଉଦ୍ଦେଶ୍ୟ ଗ୍ରହଣ କରାଯାଇଥିଲା, ଯାହା ପ୍ରାୟ ୭୫୦୦ଲୋକଙ୍କ ନିଯୁକ୍ତିକୁ ସମ୍ଭାବନା ଦେଇଛି। ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ, ସାତଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ୧୯,୨୦୦ କୋଟି ଟଙ୍କାର ନିବେଶ ଏବଂ ପ୍ରାୟ ୧୨,୭୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା।

ଔଷଧ ଶିଳ୍ପ ନେତାମାନଙ୍କ ସହିତ ଏକ କ୍ଷେତ୍ରସ୍ତରୀୟ ଗୋଲଟେବୁଲ ଆଲୋଚନା ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ପରେ ଶିଳ୍ପ ଆଗ୍ରହକୁ ପ୍ରତିଫଳିତ କରିଥିଲା। ଆଲୋଚନାରେ ରାଜ୍ୟର ସମ୍ପ୍ରତି ବିଜ୍ଞାପିତ ଔଷଧ ନୀତି ଏବଂ ଓଡ଼ିଶାର ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଉତ୍ସର୍ଗୀକୃତ ଔଷଧ ଏବଂ ଚିକିତ୍ସା ଡିଭାଇସ୍ ପାର୍କର ବିକାଶର ପ୍ରଭାବ ଉପରେ ଆଲୋକପାତ କରାଯାଇଥିଲା।

ନିବେଶକଙ୍କ ପାରସ୍ପରିକ ଆଲୋଚନା ଉପରେ ମତ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, "ଏହି ଆଲୋଚନା ସମୟରେ ଶିଳ୍ପର ପ୍ରତିକ୍ରିୟା ସ୍ପଷ୍ଟ ଭାବରେ ଓଡ଼ିଶାର ଶିଳ୍ପ ଦିଗରେ ବର୍ଦ୍ଧିତ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରେ।"

# ଭିବି-ଜି-ରାମ-ଜି ଯୋଜନା ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ବଢାଇବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯।୧୨
ନ୍ୟୁଜ୍‌ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକାଶ ଯାତ୍ରାରେ ଏକ ନୂତନ ଗତି ଦେଖୁଛି। କେନ୍ଦ୍ର ସରକାରଙ୍କ ଭିବି-ଜିରାମ-ଜି ଯୋଜନା ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ବଢାଇବ। ଏହି ଯୋଜନା ଶ୍ରମିକ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ଉଲ୍ଲେଖ କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି ବିକଶିତ ଭାରତର ମୂଳଦୁଆକୁ ଏହି ଯୋଜନା ସୁଦୃଢ଼ କରିବ। ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତର ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ଏହା ସହାୟକ ହେବ। ଏହି ଲୋକାଭିମୁଖୀ ନିଷ୍ପତ୍ତି ବିକାଶ ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଉଲ୍ଲେଖ କରିଛନ୍ତି।

# ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ହେବେ ପାଟଣା ହାଇକୋର୍ଟର ମୁଖ୍ୟ ବିଚାରପତି

କଟକ, ୧୯।୧୨:ନ୍ୟୁଜ୍‌ବ୍ୟୁରୋ



ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କ ନାମ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଡିସେମ୍ବର ୧୮ରେ କଲେଜିୟମ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଓଡ଼ିଶା ସହିତ, ଉତ୍ତରାଖଣ୍ଡ, ମେଘାଳୟ, ଝାଡ଼ଖଣ୍ଡ ଓ ସିକିମ ହାଇକୋର୍ଟର ମୁଖ୍ୟ ବିଚାରପତି ପଦରେ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ କଲେଜିୟମ ନାମ ସୁପାରିସ କରିଛନ୍ତି। ଜଷ୍ଟିସ୍ ସଙ୍ଗମ କୁମାର ସାହୁ ୧୯୬୪ ଜୁନ ୫ରେ ଜନ୍ମଗ୍ରହଣ କରିଥିଲେ। କଟକ ନୂଆବଜାର ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ସେ ଷ୍ଟିୱାର୍ଟ ବିଜ୍ଞାନ କଲେଜରୁ ଆଇଏସ୍‌ସି ଓ ବିଏସ୍‌ସି ଡିଗ୍ରୀ ହାସଲ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଇଂରାଜୀ ଓ ଓଡ଼ିଆରେ ଏମ୍‌ଏ ପାସ୍ କରିଥିଲେ। କଟକ ଦି' ଲ କଲେଜରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିବା ପରେ ୧୯୮୯, ନଭେମ୍ବର ୨୬ରେ ଆଇନଜୀବୀ ଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦରେ ପଞ୍ଜୀକୃତ ହୋଇଥିଲେ। ସେ ତାଙ୍କ ବାପା ତଥା ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ଶରତ ଚନ୍ଦ୍ର ସାହୁଙ୍କ ଅଧୀନରେ ଓକିଲାତି ପେସା ଆରମ୍ଭ କରିଥିଲେ। ବିଶିଷ୍ଟ ଆଇନଜୀବୀ ଡକ୍ଟର ମନୋରଞ୍ଜନ ପଣ୍ଡାଙ୍କ ସହଯୋଗୀ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ହାଇକୋର୍ଟ ସହିତ ବିଭିନ୍ନ ଜିଲ୍ଲା ଅଦାଲତ, ଖାଉଟି କମିଶନ, ସ୍ୟାଟ୍, କ୍ୟାଟ୍‌ରେ ସେ ଆଇନଜୀବୀ ଭାବେ ମାମଲା ପରିଚାଳନା କରିଥିଲେ। ଚାକିରି ସଂପର୍କିତ ଓ ଫୌଜଦାରୀ ଆଇନରେ ସେ ବିଶେଷ ପାରଦର୍ଶିତା ହାସଲ କରିଥିଲେ। ୨୦୧୪ ଜୁଲାଇ ୨ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ବ୍ୟବହାର ହେବ ଏଆଇ

ଭୁବନେଶ୍ୱର, ୧୯।୧୨:ନ୍ୟୁଜ୍‌ବ୍ୟୁରୋ

ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ବ୍ୟବହାର ହେବ ଏଆଇ। ସୁଭଦ୍ରା ଯୋଜନାରେ ଏଆଇ ମଡ୍ୟୁଲ ଟୁଲ ବ୍ୟବହାର କରାଯିବ। ଏ ନେଇ ଟ୍ରାଏଲ ରନ ବି କରାଯାଇଛି। ସୁଭଦ୍ରା ଯୋଜନାରେ ମିଳିଥିବା ଅର୍ଥ କେଉଁ କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ, କେମିତି ମନିଟର କରାଯାଇ ପାରିବ, କେଉଁ ବୟସର କେତେ ହିତାଧିକାରୀ ରହିଛନ୍ତି ଏହାର ତଥ୍ୟ ହାସଲ କରାଯିବ। କେଉଁ ହେଡ୍‌ରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଜାଲି ହିତାଧିକାରୀ ଚୟନ ଦିଗରେ ବି କାମ କରିବ ଏଆଇ। କେବଳ ସୁଭଦ୍ରା ଯୋଜନା ନୁହେଁ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାଗୁଡିକରେ ସଫଳ ରୂପାୟନ ଓ ତୃଣମୂଳ ସ୍ତରରେ ଯୋଜନା କାର୍ଯ୍ୟକାରୀ ଏବଂ ହିତାଧିକାରୀ ଜାଲିଆତି ରୋକିବାରେ ଏଆଇ ସହାୟତା ନିଆଯିବ ବୋଲି ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏଆଇ ଉପଯୋଗ କରି ଶାସନ ଏବଂ ନାଗରିକ ସେବାକୁ ସରଳୀକରଣ କରାଯିବ। ପିଲାଙ୍କ ପାଇଁ ବି ସ୍କୁଲ୍ ପାଠ୍ୟକ୍ରମରେ ସ୍ୱତନ୍ତ୍ର ଚ୍ୟାପ୍ଟର ରଖିବାକୁ ଯୋଜନା କରାଯାଉଛି। ସରକାରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ ହେବ ଏଆଇ। ପ୍ରାରମ୍ଭିକ ଭାବେ ୫ଟି ବିଭାଗରେ ଏଆଇ କାର୍ଯ୍ୟକାରୀ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ସଂସଦୀୟ ବ୍ୟାପାର ବିଭାଗରେ ଏଆଇ ଉପଯୋଗ ଉପରେ ଫୋକସ୍ କରାଯାଉଛି। ପରବର୍ତ୍ତୀ ମୁହୂର୍ତ୍ତରେ ସମସ୍ତ ୪୧ ବିଭାଗରେ କାର୍ଯ୍ୟକାରୀ କରାଯିବ। ବିଭିନ୍ନ ବିଭାଗରେ ପୂର୍ବରୁ କ'ଣ କରାଯାଇଥିଲା, ଏବେ କ'ଣ କରାଯାଉଛି ସବୁ ତଥ୍ୟ ରହିବା ସହ ଡିସିସନ ମେକିଙ୍ଗରେ ପ୍ରମୁଖ ଭୂମିକା ନେବ ଏଆଇ। ଫେବୃୟାରୀରେ ଦିଲ୍ଲୀରେ ଏଆଇ ସମ୍ମିଳନୀ ହେବାକୁ ଥିବା ବେଳେ ଏହା ପୂର୍ବରୁ ଓଡ଼ିଶା ସମେତ ୮ ରାଜ୍ୟରେ ଏଆଇ ଇମ୍ପ୍ୟାକ୍ଟ ରିଜିଓନାଲ ସମ୍ମିଳନୀ ଆୟୋଜନ କରାଯାଉଛି। ହାଇଦ୍ରାବାଦରୁ ଭର୍ଚ୍ଚୁଆଲ ମାଧ୍ୟମରେ ସାମିଲ ହୋଇ ଏଆଇ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏଆଇ ପଲିସି ଆଣିବା ସହ ଏ ଦିଗରେ ଅନେକ କାମ ଆରମ୍ଭ କରିଛି। ଆଗାମୀ ଦିନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହେବ ବୋଲି କହିଛନ୍ତି ଆଇଟି ମନ୍ତ୍ରୀ।


